Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ବାଲୁବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

---

# ବିଜ୍ଞାପନ ।

ମାଇନର, ଇଣ୍ଡିଭ୍ୟାଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲସ, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପଙ୍‌କ୍ତିପ୍ରତି

| | |
|---|---|
| ଆଠାଗ୍ରତ | ଟ ୦ ୬ |
| ଅଧସ୍ତମ୍ଭ | ଟ ୵ |
| ତୃତୀ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୨ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚପ୍ରଥମ ଥରର ଦେଢ଼ା ଓ ତୃତୀୟଣ ଯଥାକ୍ରମେ ହେବ

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ପତ୍ର କଟକ ବାଲୁବଜାରରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମ, ଚ, ଓ ମୁଦ୍ରିତ ହେଲ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୯ | ତା ୫ ଉଷ ମାହେ କୁମ୍ଭର ସନ ୧୩୧୨ ନଅଁଟା । ତା ୨୨ ନ ମାର୍ଗଶିର ୧୯୦୪ ସାଲ ଶନିବାର । | ଅଗ୍ରମ ଟ ୩
୪୭ ସଂଖ୍ୟା | | ପଶ୍ଚାଦେୟ ଟ ୬

ବଙ୍ଗଳ ପାରଲମେଣ୍ଟ ସଭାର ଆଗାମୀ ଅଧିବେଶନ ଆସନ୍ତା ଜାନୁୟାରୀ ମାସ ତା ୧୯ ରଖ ଠାରୁ ଆରମ୍ଭ ହେବ ।

---

ଗତ ମାସ ତା ୨୪ ରଖପର୍ଯ୍ୟନ୍ତ ବମ୍ବେ ନଗର ଗଣ୍ଡପୀଡ଼ା ସହିତ ଜ୍ୱର ପ୍ଲେଗ ମଣ୍ଡଳରେ ୨୨୩ ଜଣ ଆକ୍ରାନ୍ତ ଏବଂ ୧୬୨ ଜଣ ମରିଥିଲେ । ପ୍ଲେଗର ବଜନମ ଶତ ସପ୍ତାହରେ କମିଥିଲା । ପୁଣି ବୃଦ୍ଧି ହୋଇଅଛି ।

---

ପାଇସର ଖାଦ୍ୟା ପ୍ରକାଶ କରିଅଛନ୍ତି ଯେ ଏଣିକି ଏକଜଣ ମନ୍ତ୍ରୀ ବରଖାସ୍ତ ହୋଇ ଅପର ୧୨ ଜଣ ମନ୍ତ୍ରୀଙ୍କୁ ନେଇ ସ୍ୱୟଂ ସେମାନଙ୍କର ମନ୍ତ୍ରଣାରେ ସ୍ୱରୂପ ସମସ୍ତ ରାଜକାର୍ଯ୍ୟ ନିର୍ବାହ କରିବେ । ନବ ସାହାଙ୍କର ରାଜକାର୍ଯ୍ୟରେ ବିଶେଷ ଅନୁରାଗ ଦେଖାଯାଏ ।

---

ମେଟ୍ରଦେଶାନ୍ତର୍ଗତ ଯୁଦ୍ଧକ୍ଷେତ୍ରକୁ ଯେଉଁ ଭାରତୀୟ ସେନା ପ୍ରେରିତ ହୋଇଥିଲେ ସେମାନେ ଫେରି ଆସିବାର ଆରମ୍ଭ ହୋଇଅଛି । ଗତମାସ ଶେଷ ସପ୍ତାହରେ ଏକ ଜାହାଜରେ ଶତାଧିକ ଅକ୍ଷମ ଏବଂ ପୀଡ଼ିତ ସିପାହୀ ବମ୍ବେ ନଗରେ ପହଞ୍ଚି ଅଛନ୍ତି ।

---

ଗତ କାର୍ତ୍ତିକପୂର୍ଣ୍ଣିମାରେ ପାଟନାର ନିକଟ ସୋନପୁରଠାରେ ହରିହରଛତ୍ରମେଳା ହୋଇଥିଲା । ମଞ୍ଚ ଅନ୍ୟାନ୍ୟବର୍ଷଠାରୁ ସମାବେଶ ଏବଂ ଗୋରୁ ବିକ୍ରୀ ଅତ୍ୟନ୍ତ ଊଣା ହୋଇଥିଲା । ହାତୀ ଘୋଡ଼ା ବିକ୍ରୟସ୍ଥଳ ପ୍ରାୟ ଶୂନ୍ୟ ଥିଲା । ଅଥଚ ଗାଈ ବଳଦ ଅଧିକପରିମାଣରେ ବିକ୍ରୟ ନିମନ୍ତେ ଆସିଥିଲେ । ଏ ସମସ୍ତ ଅବଶ୍ୟ ଦୁର୍ଭିକ୍ଷର ପରିଚାୟକ ।

---

କାଲିଫର୍ନିଆରୁ ଭାରତବର୍ଷକୁ ଗହମ ନେଇ ଆସିବା ପ୍ରଥମ ଜାହାଜ ଯାହାକି ଗତ ମାସ ତା ୨୪ ରଖରେ କଲିକତାରେ ପହଞ୍ଚିବାର ଥିଲା ତାହା ଆସିବାକୁ ଏକମାସ ବିଳମ୍ବ ହୋଇଅଛି । ବାଟରେ କଳ ଭାଙ୍ଗିଯିବାରୁ ମରାମତି ନିମନ୍ତେ ଜାପାନର ବନ୍ଦରରେ ଜାହାଜ ଅଟକିଅଛି । କଷ୍ଟ ସମୟରେ ଏହିପରି ଦୁର୍ଘଟନା ଉପସ୍ଥିତ ହୁଅଇ ।

---

ପାଟନାର ଏକଟିଂ କମିଶନର ମେ ଅଞ୍ଚଳରେ ଦୁର୍ଭିକ୍ଷ ମଧ୍ୟରେ ଅନ୍ନକଷ୍ଟ ଉପସ୍ଥିତ ହେବାର ଗତ ମାସ ତା ୨୧ ରଖରେ ରିପୋର୍ଟ କରିବାରୁ ବଙ୍ଗେଶ୍ୱର ବାହାଦୁର ତାହାଙ୍କୁ ଲେଖିଅଛନ୍ତି ଯେ ସନ ୧୮୯୮ ସାଲରେ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ କଲିକତାରେ ଯେଉଁ ଅର୍ଥ ସଞ୍ଚିତ ହୋଇଥିଲା ତହିଁର ଉଦ୍‌ବର୍ତ୍ତ ଟ ୩୨୦୦୦ ଟଙ୍କା ମଧ୍ୟରୁ ସମ୍ପ୍ରତି ସାହାଯ୍ୟ ଦାନ ନିମନ୍ତେ ଯେତେ ପ୍ରୟୋଜନ ହେବ ତାହା ସେ ପାଇପାରିବେ ।

—※—

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ରାଜପୁତାନାର ପ୍ରଧାନ ମିତ୍ର ରାଜ୍ୟମାନ ଦର୍ଶନ ଏବଂ ରାଜାମାନଙ୍କଠାରୁ ଅସୀମ ଆଦର ଅଭ୍ୟର୍ଥନା ଗ୍ରହଣ କରି ଦାକ୍ଷିଣାତ୍ୟ ପ୍ରଦେଶରେ ଭ୍ରମଣ କରୁଥିଲେ । ତାହା ମଧ୍ୟ ଶେଷ ହୋଇଅଛି ଏବଂ ସେ ଆସନ୍ତା ଶୁକ୍ରବାର ସକାଳ ୯ ଘ ସମୟରେ ହାବଡ଼ାଠାରେ ରେଲଗାଡ଼ିରୁ ପ୍ରବେଶ ହୋଇ ଯଥା ସମ୍ଭ୍ରମରେ କଲିକତାର ରାଜପ୍ରାସାଦରେ ଉପସ୍ଥିତ ହେବେ ଏବଂ ତିନିମାସରୁ ଊର୍ଦ୍ଧ୍ୱକାଳ ଭାରତର ରାଜଧାନୀ ଜାଗ୍ରତ ହେବ ।

---

ପୁରୀସ୍ଥିତ ନିତାନ୍ତ ପୀଡ଼ିତ ଥିବାରୁ ଚିକିତ୍ସା ନିମନ୍ତେ ଏ ନଗରକୁ ଆସିଅଛନ୍ତି ଏବଂ ଏଠା ପଲ୍ଟନର ଡାକ୍ତର ଶ୍ରୀ ଭୋଲାନାଥ ସିଂହ ତାହାଙ୍କ ଚିକିତ୍ସାର ଭାର ନେଇଅଛନ୍ତି । ଡାକ୍ତର ଭୋଲାନାଥ ପଞ୍ଜାବଦେଶ ନିବାସୀ ରାଜପୁତ ଅଟନ୍ତି । ବିଲାତରେ ପରୀକ୍ଷା ଦେଇ ସୈନିକ ବିଭାଗର ଉଚ୍ଚଶ୍ରେଣୀର ଡାକ୍ତର ହୋଇ ଏ ଦେଶକୁ ଫେରିଆସି ପଲଟନରେ କାର୍ଯ୍ୟ କରୁଅଛନ୍ତି ଏହାଙ୍କ ସୁଚିକିତ୍ସା ଏ ସ୍ଥାନୀୟ ଇଉରୋପୀୟ ଏବଂ ଦେଶୀୟ ଉଭୟ ସମ୍ପ୍ରଦାୟର ଲୋକଙ୍କ ମନକୁ ବିଶେଷ ତୋଷିଅଛି ।

---

Digitized by srujanika@gmail.com

ଗୋରଖା ଅନ୍ତର୍ଗତ ଅଣ୍ଡା ସ୍କୁଲର ହେଡ଼ ମାଷ୍ଟର ଲେଖିଅଛନ୍ତି ଯେ ନୂଆ ଥାନ ସେଠାରେ ଛୋଟାକୁ ସେ ଅଂଶ ର ଲେଖାଏଁ ହୃଦୟ ହେଉଅଛି । ଗତବର୍ଷ ସେହି କ୍ଷେତ୍ରରେ ଏକ ନୂତନ ଥାନ ଉତ୍ପନ୍ନ ହୋଇଥିଲା ଏବର୍ଷ ତହିଁରେ ଗୌ ଅଂ ଲୋଥିଅଛି ହେବା କଠିନ । ଭରସା କରୁଁ ଗୋରଖାର ସବଡେପୁଟି ଏ ବିଷୟ ଦେଖି ନାହିଁ । ସେ ଅଧିକ ଲେଖିଅଛନ୍ତି ଯେ ସ୍କୁଲର ଡେପୁଟି ଇନସ୍ପେକ୍ଟର ଅଣ୍ଡା ସ୍କୁଲ ପରିଦର୍ଶନ କରି ତହିଁର ଉନ୍ନତି ଦୃଷ୍ଟିରେ ଜଣେ ନୂଆ ଶିକ୍ଷକ ନିଯୁକ୍ତ କରି ଯାଇଅଛନ୍ତି ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଦସ୍ତ ଲେଖର ସ୍କୁଲ ନିମ୍ନ ପ୍ରାଇମେରି ପରୀକ୍ଷାର ଗୋଟିଏ କେନ୍ଦ୍ର ସ୍ଥିର ହୋଇ ଗତ ସୋମବାରଠାରୁ ପରୀକ୍ଷା ହେବାର ଧାର୍ଯ୍ୟ ହୋଇଥିବାରୁ ପ୍ରାୟ ୧୦୦ ଜଣ ବାଳକ ଉପସ୍ଥିତ ହୋଇଥିଲେ ମାତ୍ର ପ୍ରଶ୍ନକାଗଜର ଲେଫାଫା ପୁଲିନ୍ଦା ଡାକ ପିଅନ ଅପରାହ୍ନ ଦୁଇଟା ସମୟରେ ସ୍ପେସିଆଲ୍ ଦେବାରୁ ପୂର୍ବାହ୍ନର ପ୍ରଶ୍ନ କାଗଜ ପିଲାମାନଙ୍କୁ ଦିଆ ଯାଇ ନ ପାରି କେବଳ ଅପରାହ୍ନର କାଗଜ ଦିଆ ଗଲା । ତାହା ହେବାରୁ ଏ ବିଷୟ ଅଣା କରୁଁ ଡାକ ବିଭାଗର କର୍ତ୍ତୃପକ୍ଷମାନେ ଏଥିର ଉଚିତ କରି ଭବିଷ୍ୟତ ନିମନ୍ତେ ଭଲ ବନ୍ଦୋବସ୍ତ କରିବେ ।

---

ପ୍ରଥମେ ପ୍ରସ୍ତାବ ହୋଇଥିଲା ଯେ କଟକ ମେଦିନୀପୁର କଲିକତା ରେଲବାଇ ନିମନ୍ତେ କାଠଯୋଡ଼ି ନଦୀ ଉପରେ ଦୋବନ୍ଧାଠାରେ ପୁଲ ନିର୍ମାଣ ହେବ । ମାତ୍ର ଗତମାସ ୨୯ ତାରିଖରେ ରେଲୱେ କମ୍ପାନିର ପ୍ରଧାନ ଇଞ୍ଜିନିୟର ଗବର୍ଣ୍ଣମେଣ୍ଟଙ୍କ ସୁପରିଣ୍ଟେଣ୍ଡିଙ୍ଗ ଇଞ୍ଜିନିୟର ପ୍ରଭୃତିଙ୍କର ଯେଉଁ ବୈଠକ ହୋଇଥିଲା ତହିଁରେ ସ୍ଥିର ହେଲା ଯେ କାଠଯୋଡ଼ି ନଦୀର ପୁଲ ଜୋବ୍ରାଘାଟ ନିକଟରେ ଏବଂ ମହାନଦୀର ପୁଲ ପଥରବନ୍ଧର ଏକମାଇଲ ତଳେ ନିର୍ମାଣ ହେବ । ସୁତରାଂ ବ୍ରାହ୍ମଣୀ, କାଠଯୋଡ଼ି ମହାନଦୀ ଏବଂ ବିରୂପା ଏହି ସମସ୍ତ ନଦୀମାନଙ୍କରେ ଏବଂ ହେଜଟାର୍ଗଡ଼ା କାଲ ଓ ଫାଲ୍ସ ଲେଭଲ କାଳମାନଙ୍କ ଉପରେ ଗୋଟିଏ ଲେଖାଏଁ ପୁଲ ନିର୍ମାଣ ହେବ । ଏରୂପେ ବାଲେଶ୍ୱରଠାରୁ ଷ୍ଟାଣ୍ଡି ପର୍ଯ୍ୟନ୍ତ ପ୍ରାୟ ମା ୧୮ ଟିଲ ମଧ୍ୟରେ ସାତଗୋଟି ପାଞ୍ଚଟା ହେବ ହେବ । ଏହି ପ୍ରସ୍ତାବ ଏଥିମଧ୍ୟରେ ମଞ୍ଜୁର ହେବାର ଶୁଣାଯାଏ । ତାହା ହେଲେ ସ୍ଥାନୀୟମାନଙ୍କରେ କଟକକୁ ଷ୍ଟେସନ ନ ହୋଇ ଜଗତସିଂହପୁରରେ ହେବ ।

---

ବମ୍ବେଇର ମୁସଲମାନମାନେ ତ ୧୫ ଖ ରେଲେ ଏକ ସଭା କରି ଧାର୍ଯ୍ୟ କଲେ ଯେ ଜାତୀୟ ମହାସମିତିରେ ସେମାନଙ୍କର ଯୋଗ ଦେବାର ଆବଶ୍ୟକ ନାହିଁ । ଏବଂ ଯଦ୍ୟପି ତ ଆସନ୍ନ ଅଧିବେଶନରେ ବମ୍ବେଇର ବିଖ୍ୟାତ ସମ୍ମାନ ସାହେବ ସଭାପତି ହେବାର ସ୍ଥିର ହୋଇଅଛି ମାତ୍ର ସେ ମୁସଲମାନସମ୍ପ୍ରଦାୟର ପ୍ରତିନିଧିସ୍ୱରୂପ ମନୋନୀତ ବା ପ୍ରେରିତ ହୋଇ ନାହାନ୍ତି । ସଭାରେ ଅନେକ ବକ୍ତା ପ୍ରକାଶ କଲେ ଯେ ମୁସଲମାନମାନେ ଇଂରାଜରାଜ୍ୟରେ ସୁଖରେ ଅଛନ୍ତି ଏବଂ ସେମାନଙ୍କର ଅଭାବ ଓ ଦୁଃଖର ପ୍ରତିକାର କରିବାକୁ ଗବର୍ଣ୍ଣମେଣ୍ଟ ତ୍ରୁଟି କରୁ ନାହାନ୍ତି । କେହି ଏମନ୍ତ କହିଲେ ଯେ ମହାସମିତିଦ୍ୱାରା ଉପକାର ଅପେକ୍ଷା ଅଧିକ ଅନିଷ୍ଟ ହେଉଅଛି । ସେ ଯେମନ୍ତ ବୁଝିବେ ତହିଁକି କଣ କହିବାର ! ପ୍ରକୃତରେ କୌଣସି ଜାତି ବା ସମ୍ପ୍ରଦାୟର ପ୍ରଜାବର୍ଗର ଅଭାବ ଓ ଦୁଃଖର ପ୍ରତିକାର କରିବାକୁ ଗବର୍ଣ୍ଣମେଣ୍ଟ ତ୍ରୁଟି କରୁ ନାହାନ୍ତି ଏଥି ଦୃଢ଼ ବିଶ୍ୱାସ ସମସ୍ତଙ୍କର ଥିବାରୁ ଯିନା ସାଧାରଣ ଦୁଃଖ ଓ ଅଭାବ ଜଣାଇବା ଅଭିପ୍ରାୟରେ ଜାତୀୟମହାସମିତିର ସୃଷ୍ଟି ହୋଇ ଅଛି । ସେ ସ୍ଥଳେ ଗବର୍ଣ୍ଣମେଣ୍ଟ ସର୍ବଜ୍ଞ ନହନ୍ତି କେଉଁଠାରେ ମହାସମିତିର ପ୍ରୟୋଜନ ନାହିଁ ବୋଲି ଜଣାଯିବ ବୋଲାଯିବ ?

---

କଲିକତା ନଗରର ସଫାଇ କାର୍ଯ୍ୟ ସମ୍ବନ୍ଧରେ ନଗର ତଳେ ଯେଉଁ ଦ୍ରବ୍ୟ ସଫାଇ କାଳବାଟ ବାହାର ଯାଏ ତାହାକୁ ବିସ୍ତାର ଓ ପ୍ରଶସ୍ତ କରିବାର ଆବଶ୍ୟକତା ଅଧିକ ଧନକୁ ଅନୁଭବ ହୋଇ ଯେଉଁ ବସ୍ତୁ ବ୍ୟୟସାଧ କାର୍ଯ୍ୟ କରିବାକୁ ସେଠା ମ୍ୟୁନିସିପାଲ ସମିତି ସ୍ଥିର କଲେ ସେଥି ପୂର୍ବ ଶୁକ୍ରବାର ତହିଁର ଶୁଭ ହେବା କାରଣ ମ୍ୟୁନିସିପାଲ କମିସନରମାନେ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କୁ ଆଲେକଜାଣ୍ଡର ମାକେଞ୍ଜି ବାହାଦୁରଙ୍କୁ ଆମନ୍ତ୍ରଣ କରିଥିଲେ ଏବଂ ଛତ୍ରପ୍ରଣାଳୀରେ ସେହି କାର୍ଯ୍ୟ ସ୍ଥାନରେ ଗୋଟିଏ ବୃହତ୍ ସଭା ଓ ଶାସ୍ତ୍ର ସମାବେଶ ହୋଇଥିଲା । କଲିକତା ମ୍ୟୁନିସିପାଲ କମିଶନରମାନଙ୍କର ସଭାପତି ଶ୍ରୀଯୁକ୍ତ ଟ୍ରିଭେଲିୟାନ ସାହେବ କମିଶନରମାନଙ୍କ ପକ୍ଷରୁ ଏକ ଅଭିନନ୍ଦନପତ୍ର ପାଠ କରି ଲାଟସାହେବଙ୍କୁ ଅର୍ପଣ କଲେ ଏବଂ ଲାଟସାହେବ ମନୋହର ଶୁଭ ହେବା କାର୍ଯ୍ୟ ସମ୍ପାଦନ କରି ଅଭିନନ୍ଦନ ପତ୍ରର ଉତ୍ତରରେ ଏକ ଦୀର୍ଘ ବକ୍ତୃତା କଲେ । ଏହି ବକ୍ତୃତାରେ ସେ କଲିକତା ମ୍ୟୁନିସିପାଲିଟୀର ସହର ସଫାଇ ସ୍ୱାସ୍ଥ୍ୟରକ୍ଷା ଇତ୍ୟାଦି କାର୍ଯ୍ୟର ଭାରି ଦୋଷ ଦେଖାଇ ଲୋକଙ୍କର ଦୁଃଖଜନକ ଏବଂ ଶୋଚନୀୟ ଅବସ୍ଥା ନିମନ୍ତେ କମିଶନରମାନଙ୍କର ଯଥୋଚିତ ନିନ୍ଦା କରି କହିଲେ ଯେ ସେମାନେ କେବଳ କଥା କହିବାକୁ ପଟୁ ମାତ୍ର କାର୍ଯ୍ୟଦକ୍ଷ ନୁହନ୍ତି ଏବଂ ମ୍ୟୁନିସିପାଲିଟୀର କର୍ମଚାରୀମାନଙ୍କର କାର୍ଯ୍ୟରେ ବାଧା ଦେଅନ୍ତି ଏବଂ ସାଧାରଣ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିବିଶେଷର ସ୍ୱାର୍ଥପ୍ରତି ଅଧିକ ଦୃଷ୍ଟି ରଖନ୍ତି । ଏ କଥାମାନ ଶୁଣି କମିଶନରମାନେ ଲଜ୍ଜିତ ହୋଇ ଦୁଃଖିତ ହୋଇ ଅଛନ୍ତି ଏବଂ ତହିଁର ବିରୁଦ୍ଧରେ ପ୍ରତିବାଦ କରିବା ଚେଷ୍ଟାରେ ଅଛନ୍ତି । କଲିକତାର ଇଂରାଜୀ ସମ୍ବାଦପତ୍ରମାନ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କର ଏହି ବକ୍ତୃତାର ପୋଷକତାରେ ଏବଂ ଦେଶୀୟ ସମ୍ବାଦପତ୍ରମାନ ତହିଁର ବିରୁଦ୍ଧରେ ମତ ପ୍ରକାଶ କରୁଅଛନ୍ତି ଏବଂ ଏ ବିଷୟ ନେଇ କଲିକତାରେ ଗୋଟିଏ ହୁଲସ୍ଥୂଳ ପଡ଼ିଅଛି । ବର୍ତ୍ତମାନ ଲାଟସାହେବଙ୍କର ଉକ୍ତ ବକ୍ତୃତାର ଯୁକ୍ତି ଠିକ ବୋଲି ସମସ୍ତେ ସ୍ୱୀକାର କରନ୍ତି ଏବଂ ଏହା ସ୍ୱପ୍ନ ଅଟେ ସନ୍ଦେହ ନାହିଁ ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏଥିର ଭୂତା କାଳାକାଳ ଅଛି । ଶୁଭକାର୍ଯ୍ୟ ଉପଲକ୍ଷରେ ଆମନ୍ତ୍ରଣରେ ଆସି ଅତିଥି କର୍ତ୍ତାମାନଙ୍କୁ ସାଗ୍ରହରେ ନିନ୍ଦା କରିବା ଭଲ ହେଲା ବୋଲି ଆମ୍ଭେମାନେ କହି ନ ପାରୁଁ । ଦୋଷ ଦେଖାଇ ତାହା ସଂଶୋଧନ କରିବା ଅଭିପ୍ରାୟରେ ଏହି ଦେଖାଇବା କର୍ତ୍ତବ୍ୟ କାର୍ଯ୍ୟ ହେଲେହେଁ ସମୟ ସ୍ଥାନ ଓ ସମୟରେ ତାହା ନ ହେଲେ ମନ୍ଦ ଫଳ ସନ୍ଦେହ ନାହିଁ । ଭରସା କରୁଁ ଏହି ବିବାଦ ଅଧିକ ବୃଦ୍ଧି ନ ହୋଇ ଶୀଘ୍ର ଶାନ୍ତ ହେବ ।

---

## ଦୁର୍ଭିକ୍ଷ ସମାଚାର ।

ବଙ୍ଗଦେଶୀୟ ଗବର୍ଣ୍ଣମେଣ୍ଟଙ୍କ ସ୍ୱେଚ୍ଛାପତ୍ରରେ ଏବଂ କଲିକତାରେ ପ୍ରକାଶ ହୋଇଅଛନ୍ତି ଯେ ବାଣିଜ୍ୟରେ ବସ୍ତୁକ୍ଷେପ କରିବା ନାହିଁ ପକ୍ଷପାତ ସେ କୌଣସି ମୂଲ୍ୟ ନିର୍ଦ୍ଧାରିତ ନ ହେବ । ତାହାଙ୍କର ବିଶ୍ୱାସ

ସେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଏବଂ ପ୍ରଦେଶୀୟ ଶାସନକର୍ତ୍ତାମାନେ କଷ୍ଟ ନିବାରଣର ଆବଶ୍ୟକୀୟ ଉପାୟ କରିବେ ଏବଂ ସାହାଯ୍ୟର ପ୍ରୟୋଜନ ହେଲେ ସେ ବିଲାତ ଏବଂ ଭାରତରେ ଚାନ୍ଦା ସଂଗ୍ରହର ଚେଷ୍ଟା କରିବେ ।

ଆମ୍ଭମାନଙ୍କର ସୁପରିଚିତ ସର ରିଚର୍ଡ୍ ଟେମ୍ପଲ ବିଲାତରେ ଜଣେ ପ୍ରଧାନ ବ୍ୟକ୍ତି । ସେ କହୁଅଛନ୍ତି କି ବାଣିଜ୍ୟରେ ହସ୍ତକ୍ଷେପ କରିବା ତାହାଙ୍କର ଅଭିପ୍ରାୟ ନୁହେ । ମାତ୍ର ଯେତେବେଳେ ଭାରତରେ ଗହମର ଦର ଟଙ୍କାକୁ ସେ ୧୨ ସେର ହେବ ସେତେବେଳେ ସରକାର ହସ୍ତକ୍ଷେପ କରିପାରନ୍ତି । ସର୍ବାଗ୍ରେ ସରକାରଙ୍କର ଯୋଡ଼ିଏ କାର୍ଯ୍ୟ କରିବା ଉଚିତ ଯଥା ଯେଉଁମାନେ ମୂଲ ଲାଗିବାକୁ ପାରୁ ନାହାନ୍ତି ସେମାନଙ୍କୁ କାର୍ଯ୍ୟ ଯୋଗାଇବା ଏବଂ ଯେଉଁମାନେ ମୂଲ ଲାଗିବାକୁ ଅକ୍ଷମ ସେମାନଙ୍କୁ ଦାତବ୍ୟସ୍ୱରୂପ ଖାଦ୍ୟ ଦାନ କରିବା । ଶେଷ ଉପାୟ ନିମନ୍ତେ ଜଣେ ଉଚ୍ଚଶ୍ରେଣୀର କର୍ମଚାରୀ ନିଯୁକ୍ତ ହେବା ଆବଶ୍ୟକ ଯେ ସେ ସରଲ ଯେଉଁମାନେ ଭିକ ମାଗିବେ ନାହିଁ କିମ୍ବା ଶୁଦ୍ଧାଶି କରିବେ ନାହିଁ ବରଂ ଅନାହାରରେ ଘରେ ପଡ଼ିରହି ମରିବେ ସେମାନଙ୍କୁ ଖୋଜଲେଡ଼ି ଖାଦ୍ୟ ଦାନ କରିବେ ।

ବମ୍ବେଇ, ପଞ୍ଜାବ ଏବଂ ଉତ୍ତରପଶ୍ଚିମର ଅନେକ ସ୍ଥାନରେ ଏବଂ ମଧ୍ୟଭାରତର କେତେକ ସ୍ଥାନରେ ଉଣା ଅଧିକ ବୃଷ୍ଟି ହେବାରୁ ରବିଫସଲର ଉପକାର ହୋଇଅଛି ଏବଂ ଶସ୍ୟର ଦର ସାମାନ୍ୟରେ ଖସିଅଛି । ବଙ୍ଗଦେଶର ବିହାର ଓ ଛୋଟନାଗପୁର ଡିଭିଜନ ଜଙ୍କରେ ଅଳ୍ପ ବୃଷ୍ଟି ହେବାରୁ ରବିଫସଲର କିଛି ଉପକାର ହୋଇ ଅଛି । ଅନ୍ୟସ୍ଥାନର ଅବସ୍ଥା ପୂର୍ବପ୍ରାୟ ରହିଅଛି । କେତେକ ଜିଲାରେ ଦର କିଛି କମି ଆସିବାର ଜଣାଯାଏ । ନଦୀଅରେ ତ ୧୦୦୦ ଣ ଚମ୍ପାରଣରେ ତ ୧୯୯୮ ଣ ଏବଂ ସାହାବାଦରେ ତ ୩୬୦ ଣ ସାହାଯ୍ୟକାର୍ଯ୍ୟରେ ଗତମାସ ତା ୨୧ ଯଏରେ ମୂଲ ଲାଗିଥିଲେ ।

ମାନ୍ଦ୍ରାଜରେ ପୂର୍ବସପ୍ତାହରୁ ବୃଷ୍ଟି ହେଉଥିଲା ଗତସପ୍ତାହରେ ଅନେକ ଅଧିକ ଜଳ ହୋଇ ସମସ୍ତ ନଗରକୁ ଏକାବେଳକେ ବୁଡ଼ାଇ ଦେଇଅଛି ଏବଂ ଅନେକ ଘରଦ୍ୱାର ଭାଙ୍ଗି ପଡ଼ି କେତେକ ଲୋକ ହତ ଏବଂ ଆହତ ହୋଇଅଛନ୍ତି । ମାନ୍ଦ୍ରାଜର ଦକ୍ଷିଣ ଏବଂ ଉତ୍ତରରୂପ କୂଳସ୍ଥ ଅନେକ ସ୍ଥାନରେ ଉଣାଅଧିକ ପରିମାଣରେ ଏହି ସମୟରେ ବୃଷ୍ଟି ହୋଇଅଛି ।

ଦୁର୍ଭିକ୍ଷର ଆରମ୍ଭ ଦେଖି କୃଷ୍ଣନଗରବାସିମାନେ ସେସ୍ଥାନରେ ଗୋଟିଏ ଅନାଥାଶ୍ରମ ସ୍ଥାପନର ବନ୍ଦୋବସ୍ତ କରିଅଛନ୍ତି । ବ୍ୟବସ୍ଥାପକସଭାର ସଭ୍ୟ ଶ୍ରୀଯୁକ୍ତ ପଦାମଜ ଏହି ଅନାଥାଶ୍ରମର ସଭାପତି ଏବଂ ଡାକ୍ତର ବ୍ରଜାରବର ଓ ନାଜ ସାହାବୁଦ୍ଦୀନ ସମ୍ପାଦକ ନିଯୁକ୍ତ ହୋଇଅଛନ୍ତି । ଏକକାଳୀନ ଦାନ ଏବଂ ମାସିକ ଦେବାହାରି ସଭାସ୍ଥଳେ ଅନେକ ଅର୍ଥ ସଂଗ୍ରହ ହୋଇଅଛି । ଦୁର୍ଭିକ୍ଷହେତୁ ଦକ୍ଷିଣାଂଶର ଯେ ସମସ୍ତ ବାଳକବାଳିକା ଅନାଥ ହୋଇଅଛନ୍ତି ଅର୍ଥାତ୍ ଅନ୍ନକଷ୍ଟରେ ଯାହାଙ୍କର ପିତାମାତା ମୃତ ବା ଦେଶାନ୍ତର ହୋଇଅଛନ୍ତି ସେମାନଙ୍କୁ ପ୍ରତିପାଳନ କରିବା ଏହି ଆଶ୍ରମର ପ୍ରଧାନ ଉଦ୍ଦେଶ୍ୟ ଅଟେ । ଏରୂପ ଆଶ୍ରମମାନ ସ୍ଥାନରେ ହେବା ବାଞ୍ଛନୀୟ ।

---

### ଜମିଦାରୀ ବଣ୍ଟଅସ୍ତ ।

ବାଲେଶ୍ୱରର ଜଣେ ପ୍ରଧାନ ଜମିଦାର ବାବୁ ସୁଜନାରାୟଣ ଦାସ ଜମିଦାରୀ ବଣ୍ଟଅସ୍ତ ସମ୍ବନ୍ଧରେ ଗୋଟିଏ ପ୍ରସ୍ତାବ କରିଥିବାର ଏଥିପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇଥିଲୁଁ । ସମ୍ପ୍ରତି ବାବୁ ମହୋଦୟଙ୍କ ପ୍ରେରିତ କାଗଜ ପତ୍ରରୁ ତହିଁର ମର୍ମ ଅବଗତ ହୋଇ ସଂକ୍ଷେପରେ ଜଣାଉଅଛୁଁ । ବଙ୍ଗଳାର ଜମି ସମ୍ବନ୍ଧୀୟ କାଗଜପତ୍ର ଏବଂ କୃଷି ବିଭାଗର ଡାଇରେକ୍ଟରଙ୍କଠାରେ ବାବୁ ମହୋଦୟ ଏହି ମର୍ମରେ ଏକ ଦରଖାସ୍ତ କରିଥିଲେ କି ଓଡ଼ିଶାର ବନ୍ଦୋବସ୍ତ କର୍ମଚାରୀଙ୍କ ବଣ୍ଟଅସ୍ତ ବିଷୟରେ କଲେକ୍ଟରଙ୍କ କ୍ଷମତା ଦେଇ ବଣ୍ଟଅସ୍ତ ମୋକଦ୍ଦମା ସବୁ ସେମାନଙ୍କ ଦ୍ୱାରା ନିଷ୍ପତ୍ତି କରାଇ ନେଲେ ଅଳ୍ପ ସମୟ ଓ ଅଳ୍ପ ବ୍ୟୟରେ ଜମିଦାରୀ ବିଭାଗ କାର୍ଯ୍ୟ ସମ୍ପନ୍ନ ହୋଇ ପାରିବ ଏବଂ ଇଦ୍ୱାରା ସରକାର ଏବଂ ଜମିଦାର ଉଭୟପକ୍ଷର ସୁବିଧା ହେବ । ବନ୍ଦୋବସ୍ତ ମହଲମାନେ ପ୍ରତ୍ୟେକ ମୌଜାର ନକସା, ମାପ, ଜମାବନ୍ଦି ଇତ୍ୟାଦି କାଗଜ ପ୍ରସ୍ତୁତ ହୁଅଛି ବଣ୍ଟଅସ ନିମନ୍ତେ ସେ ସବୁ ଖୋଜିବାକୁ କିମ୍ବା ସାଧାରଣତଃ ମୋଫସଲକୁ ଆମିନ ପଠାଇବାକୁ ହେବନାହିଁ । ସେହିସବୁ କାଗଜ ଦୃଷ୍ଟିରେ ବନ୍ଦୋବସ୍ତକର୍ମଚାରୀ ଅନାୟାସରେ ସଉକଦାରମାନଙ୍କ ମଧ୍ୟରେ ଜମିଦାରୀ ବିଭାଗ କରିଦେଇ ପାରିବେ । ନକସା ମାପ ଇତ୍ୟାଦିର ପ୍ରୟୋଜନ ନ ହେବା ସ୍ଥଳେ ରେଭିନ୍ୟୁ ବୋର୍ଡଙ୍କ ନିର୍ଦ୍ଧାରିତ ଅତି ନିମ୍ନତର ଅର୍ଥାତ୍ ପ୍ରଥମ ଏକଶତମାଣ ନିମନ୍ତେ ପ୍ରତିମାଣ ଏକଟଙ୍କା ଇତ୍ୟାଦି ଦରର ଖରଚ ପଡ଼ିବ ନାହିଁ । ଯେଉଁ ସାମାନ୍ୟ ପରିଶ୍ରମ ପଡ଼ିବ ତହିଁପାଇଁ ପ୍ରତି ଶହେମାଣ ଜମି ସକାଶେ ୫୦ ଟଙ୍କା ଖରଚ ଧାର୍ଯ୍ୟ କଲେ ଯଥେଷ୍ଟ ହେବ । ଡାଇରେକ୍ଟର ମହାଶୟ ଉକ୍ତ ଦରଖାସ୍ତ ଲିଖିତ ବିଷୟ ବନ୍ଦୋବସ୍ତର ପ୍ରଧାନ କର୍ମଚାରୀ ଏବଂ ବିଭାଗୀୟ କମିଶନରଙ୍କ ସଙ୍ଗେ ପରାମର୍ଶ କରି ବୋର୍ଡଙ୍କୁ ଲେଖିଲେ ଯେ ବନ୍ଦୋବସ୍ତ ଏଷ୍ଟାଦାର ନକସା ଓ କାଗଜପତ୍ର ସାହାଯ୍ୟ ବନ୍ଦୋବସ୍ତ କର୍ମଚାରୀ ସାଧାରଣ ଡେପୁଟୀ କଲେକ୍ଟର ଅପେକ୍ଷା ସନ୍ତୋଷଜନକରୂପେ ବିଭାଗ କାର୍ଯ୍ୟ କରିବାକୁ ସକ୍ଷମ ହେବ ଏବଂ ତହିଁରେ ଅଳ୍ପ ଖରଚ ପଡ଼ିବ ସନ୍ଦେହ ନାହିଁ ଏବଂ ସଉକଦାରୀ ମାହାଲ ସବୁ ଯେବେ ବନ୍ଦୋବସ୍ତ ସଙ୍ଗେ ବିଭାଗ ହୋଇ ପୃଥକରୂପେ ମାଲଗୁଜାରି ଧାର୍ଯ୍ୟ ହୋଇଯିବ ତେବେ ତହିଁରେ ପ୍ରଜା ଅନେକ ସୁବିଧା ହେବ ମାତ୍ର ବନ୍ଦୋବସ୍ତ କାର୍ଯ୍ୟ ଏତେ କଠିନ ଏବଂ ସନ ୧୮୯୭ ସାଲ ସେପ୍ଟେମ୍ବରମାସ ମଧ୍ୟରେ ଅନ୍ତତଃ ଅଧିକାଂଶ ମାହାଲର ବନ୍ଦୋବସ୍ତକାର୍ଯ୍ୟ ଶେଷ କରିବା ଏତେ ଆବଶ୍ୟକ ଯେ ବନ୍ଦୋବସ୍ତ କର୍ମଚାରୀଙ୍କର ସମସ୍ତ ସମୟ ଏବଂ ବଳ ତହିଁରେ ପ୍ରୟୋଗ ନ କଲେ ଚଳିବ ନାହିଁ । ସୁତରାଂ ସେମାନଙ୍କଦ୍ୱାରା ଅନ୍ୟ କାର୍ଯ୍ୟ କରାଯାଇ ନ ପାରେ । ତେବେ ବିନା ଆପତ୍ତିର ବଣ୍ଟଅସ୍ତ ମୋକଦ୍ଦମାମାନ ସେମାନଙ୍କୁ ନିଷ୍ପତ୍ତି କରିବାକୁ ଦିଆଯାଇପାରେ ଏବଂ ତହିଁରେ ବିଶେଷ ଅସୁବିଧା ଘଟିବ ନାହିଁ । ରେଭିନ୍ୟୁବୋର୍ଡ ଡାଇରେକ୍ଟର ସାହେବଙ୍କ ମତରେ ଐକ୍ୟ ହୋଇ ଏହି ନିଷ୍ପତ୍ତି କରିଅଛନ୍ତି କି ବନ୍ଦୋବସ୍ତ କର୍ମଚାରୀଙ୍କର ପ୍ରଧାନ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଅନ୍ୟ କିଛି କାର୍ଯ୍ୟର ଭାର ସେମାନଙ୍କୁ ଦିଆଯାଇ ନ ପାରେ । ବନ୍ଦୋବସ୍ତ ଶେଷ ହେଲା ପରୁ ଯେବେ ଓଡ଼ିଶାର କୌଣସି ଜିଲାରେ ଏତେ ବଣ୍ଟଅସ୍ତ କାର୍ଯ୍ୟ ଜମିବ ଯେ ତହିଁପାଇଁ ଜଣେ ହାକିମର ଦରକାର ହେବ ତେବେ ସେ ଜିଲାରେ ସେହି ମୋକଦ୍ଦମାମାନ ନିଷ୍ପତ୍ତି କରିବା ନିମନ୍ତେ ଜଣେ ବରଖାସ୍ତ ବନ୍ଦୋବସ୍ତ ଡେପୁଟି କଲେକ୍ଟର ପଠାଯାଇପାରିବ । ଅତଏବ ଦେଖାଯାଏ ଯେ ସୁଜନାରାୟଣବାବୁ ଯେଉଁ ଅଭିପ୍ରାୟରେ ଆବେଦନ କରିଥିଲେ ତାହା କିଛି ସଫଳ

Split by PDF Splitter
Digitized by srujanika@gmail.com

Split by PDF Splitter



ହେଲେ ନାହିଁ । ବନ୍ଦୋବସ୍ତ ସଂକ୍ରାନ୍ତ ଜମିର ଭଲ ହୋଇଗଲେ ଅଳପ ସମୟ ଓ ଖରଚରେ ହୋଇପାରନ୍ତା । କୋଉଡ଼ି ଯାହା ନାସ୍ତି ହଲେ ଏବଂ ଖରଚ୍ ବିଷୟରେ କିଛି କହିଲେ ନାହିଁ । ଅନ୍ତତଃ ଓଡ଼ିଶା ଜମାରୁ ବନ୍ଦୋବସ୍ତ ଖରଚ୍ ଉଣା ଦରରେ ଧାର୍ଯ୍ୟ କରିବା ଅବଶ୍ୟକ ହୋଇଅଛି କାରଣ ଜରିପା ଓ ମାପ ଜୋଖାଦି କାଗଜ ପ୍ରସ୍ତୁତ ଥିବା ସ୍ଥଳେ ସେ ସବୁ କାର୍ଯ୍ୟ ଅଳ୍ପଥରେ କରିବାକୁ ହେବ ନାହିଁ । ବର୍ତ୍ତମାନ ବନ୍ଦୋବସ୍ତ କେବଳ ଗୋଟିଏ ବିଷୟରେ ଅସମ୍ପୂର୍ଣ୍ଣ ରହିଯାଇଅଛି । ତାହା ଏହିକି ଭୂମିର ଖଜଣା ଅଥବା କଷ୍ଟ ଦେବା କ୍ଷେତ୍ରେ ଉର୍ଦ୍ଧିତ ନ ହୋଇ କେବଳ ପ୍ରଚଳିତ ଖଜଣା ଦୃଷ୍ଟିରେ କମାଇଦ ହେଉଅଛି । ଅମ୍ଭେମାନେ ଏହା ସ୍ତ୍ରୀକୃତ ନ କେଲେ ଦେଶର ଭଲର ମତ ବୋଧ ହେଉନାହିଁ । ସୁତରାଂ ଏଥିପାଇଁ ଖରଚ୍ ପଡ଼ିବ । ବନ୍ଦୋବସ୍ତ ଅଲକ ସଂଶୋଧନ ଜନ୍ମନ୍ତେ ଏହ ପାଣ୍ଡୁଲିପି ପ୍ରସ୍ତୁତ ହୋଇ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଅଛନ୍ତି । ବ୍ୟବସ୍ଥାପକ ବିଷୟରେ ଏ ସମୟରେ ଗବର୍ଣ୍ଣମେଣ୍ଟରେ କିଛି ପ୍ରସ୍ତାବ ହେଲେ ଅବଶ୍ୟ ଲୋକଙ୍କର ସୁବିଧା ହେବ ।

———

ଶସ୍ୟର-ଅବସ୍ଥା ।

ବଙ୍ଗପ୍ରଦେଶର ଶସ୍ୟର ଅବସ୍ଥା ସମ୍ବନ୍ଧରେ ଅକ୍ଟୋବର ମାସରେ କାଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସେ ସବୁରୁ ଜଣାଯାଏ ଯେ ଗତ ସେପ୍ଟେମ୍ବର ମାସ ମଧ୍ୟଭାଗରୁ ବୃଷ୍ଟି ଏକାବେଳକେ ବନ୍ଦ ହେବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଅଳ୍ପ ଦଣ୍ଡର ଅଧିକା ପ୍ରତ୍ୟେକ ଜିଲ୍ଲାର କମିସନରମାନଙ୍କୁ ଦୃଷ୍ଟି ରଖିବା କାରଣ ସାବଧାନ କରି ଦେଇଥିଲେ ଯେ ଅନ୍ତତଃ ଅକ୍ଟୋବର ମାସ ଶେଷ ଅଥବା ନବେମ୍ବର ମାସ ଆରମ୍ଭରେ ପ୍ରଚୁର ବୃଷ୍ଟି ହେଲେ ସମସ୍ତ ଶ୍ରେଣୀର ହେବ । ମାତ୍ର ତାହା ଘଟିଲା ନାହିଁ । କିନ୍ତୁ ସେ ବଙ୍ଗୀୟ କମିସନରମାନଙ୍କଠାରୁ ସମ୍ବାଦ ପାଇଲେ ଏବଂ ଆପଣା କଲେକ୍ଟରେ ସନ ୧୮୭୩।୭୪ ସାଲଠାରୁ ଏପର୍ଯ୍ୟନ୍ତ ସେହି ବର୍ଷ ସେଠାରୁ ଅନୁଲିପି ପଠାଇଲେ ତହିଁର ବିସ୍ତାରିତ ବିବରଣ ଏବଂ ପ୍ରତ୍ୟେକ ବର୍ଷର ଅକ୍ଟୋବର ମାସର ବୃଷ୍ଟିର ପରିମାଣ ଖାଦ୍ୟଦ୍ରବ୍ୟର ମୂଲ୍ୟ ଏବଂ ଅମଦାନି ରପ୍ତାନି ଇତ୍ୟାଦିର ତାଲିକା ପ୍ରସ୍ତୁତ କରାଇଲେ । କମିସନରମାନଙ୍କ

ରିପୋର୍ଟ ବୃଷ୍ଟିର ପରିମାଣ ଶସ୍ୟ ଉତ୍ପତ୍ତିର ଅନୁମାନିତ ହିସାବ ଦେଖି ବଙ୍ଗେଶ୍ୱର ମହୋଦୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ ପଠାଇଅଛନ୍ତି ତହିଁରେ ଲେଖିଅଛନ୍ତି ଯେ ବଙ୍ଗଳାର ସର୍ବତ୍ରରେ ପ୍ରଧାନ ଫସଲ ଅର୍ଥାତ୍ ଧାନ ବିଶେଷ ଲଭ ହୋଇଥିଲେହେଁ ଶାନ୍ତିପୁର ଜିଲ୍ଲାର ସମସ୍ତ ଏବଂ ଯଶୋର, ନଦିଆ, ପାବନା, ମୁର୍ଶିଦାବାଦ, କଟକ ଓ ବାଲେଶ୍ୱର ଜିଲାମାନଙ୍କର ଏକ ୨ ଅଂଶର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅଛି କାରଣ ଏ ସବୁ ସ୍ଥାନରେ ଅଠଅଣାରୁ ଉଣା ଶସ୍ୟ ଉତ୍ପନ୍ନ ହେବାର ସମ୍ଭାବନା । ପରନ୍ତୁ ବାଙ୍କୁଡ଼ାର ଉତ୍ପନ୍ନ ସେଠା କମିଶନର ବିଚାରରେ ଶୁଦ୍ଧ ନୁହେଁ ବୋଲି ଜଣାଇଛନ୍ତି ଏବଂ ଏଥିମଧ୍ୟରେ ଲୋକଙ୍କ ବାଧ୍ୟତାରୁ ସେ ଜିଲ୍ଲାର ସାହାଯ୍ୟ କାର୍ଯ୍ୟ ଆରମ୍ଭ ହୋଇଅଛି । ଗତ ସନ ୧୮୭୩।୭୪ ସାଲର ଦୁର୍ଭିକ୍ଷରେ ସେ ବର୍ଷର ଉତ୍ପନ୍ନ ଶସ୍ୟରୁ କିଛି ଅଧିକ ଥିଲା ଅଥଚ ସରକାର ଏବଂ ମହାଜନମାନଙ୍କଦ୍ୱାରା ପ୍ରାୟ ଅଠେଇକୋଟିମହଣ ଚାଉଳ ସେ ପ୍ରଦେଶର ଖରଚ ଜନ୍ମନ୍ତେ ଅମଦାନି ହୋଇଥିଲା । ଏଥର ଚାଉଳ କେଉଁଠାରୁ ଆସିବ ଏହାର ଉଦ୍ଦେଶ ମିଳିବାର କଷ୍ଟ । ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିମାନଙ୍କୁ କାର୍ଯ୍ୟ ଯୋଗାଇବାର ଅଡ଼େଇ ଭାବନା ନାହିଁ ଯେହେତୁ ସେ ଅଞ୍ଚଳରେ କେତେଗୁଡ଼ିଏ ରେଲବାଟ ପ୍ରସ୍ତୁତ ହେଉଅଛି ଏବଂ ଅନ୍ୟର କେତେକ ହେବାର ପ୍ରସ୍ତାବ ହୋଇଅଛି । ସାହାଯ୍ୟ କାର୍ଯ୍ୟର ଏବଂ ତତ୍ତ୍ୱାବଧାରଣ କରିବାର ଯୋଗ୍ୟ କର୍ମଚାରୀର ମଧ୍ୟ ଅଭାବ ନାହିଁ । ସେମାନେ ଜଳର ଓ ଜମାକରକାର୍ଯ୍ୟରେ ନିଯୁକ୍ତ ଅଛନ୍ତି ସେମାନେ ଆବଶ୍ୟକ ହେଲେ ସେ କାର୍ଯ୍ୟରେ ନିଯୁକ୍ତ ହୋଇପାରିବେ । ଚାଉଳ କେଉଁଠାରୁ ଆସିବ ଏବଂ ତାହା ଯୋଗାଇବା ଜନ୍ମନ୍ତେ ସାଧାରଣ ବ୍ୟବସାୟ ଉପରେ ନିର୍ଭର କରିବାକୁ ହେବ କି ନା ଏଥିରେ ହିଁ ମୂଳ ସମସ୍ୟାର ମୀମାଂସା ଆବଶ୍ୟକ । ବଡ଼ ସୁଖର ବିଷୟ ଯେ ଅମ୍ଭମାନଙ୍କର ଦୃଷ୍ଟି ବଙ୍ଗେଶ୍ୱର ସିର ମାକେଞ୍ଜି କାହାରିକି ଆପଣାର କଳ୍ପନା ଉପରେ ନିର୍ଭର ନ କରି ଅନୁକରଣ କରିବାକୁ ଏବଂ ବହୁଦର୍ଶୀ ଓ ନ୍ୟାୟପଟ୍ଟୁ ଚାଉଳ ମହାଜନମାନଙ୍କ ସହିତ ପରାମର୍ଶ କରି ଏବଂ ଅନ୍ୟାନ୍ୟସ୍ଥାନରୁ ସମ୍ବାଦ ଆଣାଇ ବୁଝିଅଛନ୍ତି ଯେ ଏହି ବ୍ରହ୍ମଦେଶରୁ ଏ ବର୍ଷ ଚାରିକୋଟି ମହଣ ଚାଉଳ ରପ୍ତାନି

ହୋଇ ପାରିବାର ଜଣା ଯାଇଅଛି । ଏଥିରୁ କେତେ ବଙ୍ଗଳାକୁ ଯିବ ମଧ୍ୟ କହି ହେବ ନାହିଁ । ତହିଁର ପରିମାଣ ଅନ୍ୟାନ୍ୟ ବର୍ଷଠାରୁ ଉଣା ହେବ । ଅନ୍ତତଃ ଏଠାରୁ ଇଙ୍ଗଲଣ୍ଡକୁ ଗଲେ ଦୂରଦେଶ ଗ୍ରାହକଙ୍କୁ ଅଧିକାର ସମ୍ଭାବନା ଏବଂ ସେଠାର ଖରଚ ବଙ୍ଗଳାରେ ଅଧିକ ଥିବାରୁ ସେଠାକୁ ବିଶେଷ ଆସିବ । ମହାଜନମାନେ କହୁଅଛନ୍ତି କି ଦରକାର ହେଲେ ଆଗାମୀ ଦୁଇମାସରେ ଏକକୋଟି ମହଣ ଚାଉଳ କଲିକତାରେ ପହଞ୍ଚାଇ ଦେଇପାରିବେ । ମାତ୍ର କଲିକତାରେ ଏକମହଣ ୫ ଟଙ୍କାରୁ ବେଶି ଅଧିକ ନ ହେଲେ ସେଠାକୁ ଆସିବ ନାହିଁ ଏବଂ ସେମାନେ ଅନୁମାନ କରନ୍ତି କି ଦର ଏଥିରୁ ଅଧିକ ଉଚ୍ଚ ହେବ ନାହିଁ । ଏଥିସଙ୍ଗେ ସିନ୍ଧୁ ଶ୍ୟାମ ସେଗୁନ ଚାଲ୍ସ ଏବଂ ଖାଡ଼ସେଲ ପ୍ରଦେଶମାନଙ୍କରେ ଏବର୍ଷ ଧାନଫସଲ ଉତ୍ତମ ହୋଇଅଛି ଏବଂ ସେହିସ୍ଥାନରୁ ଆବଶ୍ୟକମତେ ଅମଦାନି ହୋଇପାରେ । ବାସ୍ତବରେ କେତେ ୨ କୋଠିବାଲା ଏଥିମଧ୍ୟରେ ବ୍ରହ୍ମଦେଶରୁ କଲିକତାକୁ ଚାଉଳ ଅମଦାନି କରିବାର ବନ୍ଦୋବସ୍ତ ଲଗାଇଅଛନ୍ତି । ଏଥିରୁ ଆଶା ହୁଏ ଯେ ଚାଉଳର ଅଭାବ ଅଥବା ସାଧାରଣ ବ୍ୟବସାୟଦ୍ୱାରା ତାହା ପ୍ରାପ୍ତିର ଅଭାବ ଅନୁଭବ ହେବ ନାହିଁ । ତଥାପି ମାନ୍ୟବର ବଙ୍ଗେଶ୍ୱର କହୁଅଛନ୍ତି କି ଏବର୍ଷର ଅସାଧାରଣ ଦୁର୍ମୂଲ୍ୟ ଏବଂ ବହୁସ୍ଥାନବ୍ୟାପୀ ଫସଲ ହାନି ଦୃଷ୍ଟିରେ ଖାଦ୍ୟ ଯୋଗାଇବା ବିଷୟ ଉପେକ୍ଷଣୀୟ ହୋଇପାରେ ନାହିଁ । ପାଞ୍ଚମାସ ଭିତରେ ଓଡ଼ିଶାର ଅବସ୍ଥା ମନ୍ଦ ହୋଇବାକୁ ହେବ । ଯାହା ସେ ଉତ୍କଳର କମିଶନର ସାହେବ ଗତମାସ ତା ୭ ରେ ରିପୋର୍ଟରେ ଲେଖିଅଛନ୍ତି କି ସେଠା ଫସଲ ଅତ୍ୟନ୍ତ ଶୋଚନୀୟ ଅବସ୍ଥା କେତେକ ମାସପର୍ଯ୍ୟନ୍ତ କଷ୍ଟ ପଡ଼ିବାର ସମ୍ଭାବନା ନାହିଁ ଏବଂ ତହିଁପରେ କଷ୍ଟ କି ଉତ୍ପନ୍ନରେ ଅଡ଼ିବ ବର୍ତ୍ତମାନ ଉପସ୍ଥିତ ନ ହୋଇବା ସମ୍ଭବ ନୁହେଁ । ଅନ୍ୟାନ୍ୟ ବର୍ଷଠାରୁ ଏ ବର୍ଷ ଚାଉଳର ଦର ଅତ୍ୟନ୍ତ ବୃଦ୍ଧି ହୋଇଥିବାରୁ ଜନ୍ତାର କଷ୍ଟ ହୋଇଅଛି ମାତ୍ର ବିଶେଷ କଷ୍ଟ ପଡ଼ିବାର ଜଣାଯାଇ ନାହିଁ । ଏହିରୂପେ ବଙ୍ଗେଶ୍ୱର ଅପର ସ୍ଥାନର ସକଳ ସ୍ଥାନର ଅବସ୍ଥା ବର୍ଣ୍ଣନ ଲେଖିଅଛନ୍ତି କି ସେ ଅନୁକମ୍ପ ପ୍ରତି ବିଶେଷ ଦୃଷ୍ଟି ରଖିଅଛନ୍ତି ଏବଂ ଏଥରେ ଯାହା ଘଟିବ ତାହା ସବିଶେଷ ଜଣାଇ ରହିବ ପ୍ରକାଶ

Digitized by srujanika@gmail.com

Split by PDF Splitter



କରିବେ । ସାଧାରଣ କାର୍ଯ୍ୟରେ କେତେ ବ୍ୟୟ ହେବ ଅପାଲୋ ଚନ୍ଦ୍ରର ଇଷ୍ଟମେଣ୍ଟ ଦ୍ୱାରା ନ ଘରେ ଏବଂ ଏକଷ୍ଟ ଉମୂଳ ସ୍ତବଳ ଦ୍ୱାରା ଖର୍ଚ୍ଚ ହେବାର ଆବଶ୍ୟକ ହେବ ବୋଲି ସେ ଅନୁମାନ କରୁ ନାହାନ୍ତି । ବନ୍ଦର ପ୍ରବେଶର ଜଳବ ଏବଂ ବନ୍ଦୋବସ୍ତ କାର୍ଯ୍ୟ ମଧ୍ୟ ସ୍ଥଗିତ ରହିବ ନାହିଁ । ଅଳ୍ପ ଦିନମାସମଧ୍ୟରେ ବ ସନ୍ଧବ ରାହା ଦେଖି ଏଥରେ ପୁନର୍ବିଗ୍ରହ ହେବ । ଅତଏବ ପାଠକମାନେ ଦେଖିବେ ଯେ ଗବର୍ଣ୍ଣମେଣ୍ଟ ଅନୁକମ୍ପା ସ୍ୱରୂପରେ ଯଥୋଚିତ କାଳିଟ ଏବଂ ସୁପାଯ୍ୟ ଜଳା କରିବାରେ ମନୋଯୋଗୀ ଅଛନ୍ତି ଏବଂ ଓଡ଼ିଶାପକ୍ଷରେ ଦୁଇ ବର୍ଷର ଅପେକ୍ଷା କରିବାର କାରଣ ମଧ୍ୟ ଅସଙ୍ଗତ ନୁହେ । ମାତ୍ର ମୂଲ୍ୟ ଅତ୍ୟଲ୍ପ କରି ଦେବାରୁ ଯୋଗ୍ୟଅଭାବ ସେ ସମସ୍ତ ଅଧମ ଓ ଉଦ୍‌ଶ୍ରେଣୀର ବ୍ୟକ୍ତିମାନେ ଅନାହାରରେ ମହାକଷ୍ଟରେ ଅଛନ୍ତି ସେମାନଙ୍କର ସାହାଯ୍ୟରେ ଜୀବନ ବଞ୍ଚିଲେ ପ୍ରାଣ ପାଇବା ସମ୍ଭବ । ଏମାନଙ୍କ ଅର୍ଥ ସାହାଯ୍ୟ ଆବଶ୍ୟକ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ମି ଜ ଏଫ, ଗାଲ୍ ୨ ସ୍ ଡେପୁଟି ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ବାହାଲ ହେଲେ ।

ମି ଜ, ଏଜେନ ତାରା ଡେପୁଟି କମିଶନ ପଦରେ ଅସ୍ଥାୟୀ ଭାବେ ନିଯୁକ୍ତ ହେଲେ ।

ତାଳଗଡ଼ ସବ୍‌ଡେପୁଟି କଲେକ୍ଟର ବାବୁ ବିହାରୀ ଲାଲଙ୍କୁ ଛୁଟି ଦିଆଗଲା ।

ବାବୁ ଭାନୁ ବାମନ ଜେଲ ଛୁଟି ପରେ ବାଲ୍ୟ ପ୍ରୋବେସନେ ରହିଥିଲେ ।

ବାବୁ ମନମୋହନ ଦାସ ପ୍ରଥମ ଶ୍ରେଣୀ ସବ୍‌ଡେପୁଟି ଅଫିସର ବାବୁ ମନୋହର ଚକ୍ରବର୍ତ୍ତୀ ଉପରେ ନିଯୁକ୍ତ ହେଲେ ।

---

[illegible]

[illegible]

[illegible]

ଦେଶର ଏହି ଚେଷ୍ଟା ଭାବରେ ଜୋଗାଅଛି ଯେ ସେ ଦେଶରେ ସୁନା ଦାମ କମରେ ଟ ୩୦ ଏ ଅପରେଠାରୁ ଭଣ, ଟ ୫୨ ଏ ସମ ଦେସିଲ ଏବଂ ଟ ୮୧ ଏ ଅପଣାଠାରୁ ଅଧିକ କୋସିଲ ଶ୍ରୀ କୋହ ହୁଅନ୍ତି ।

ଯେହେତୁ [illegible] ଜୀବନ ଶତ୍ରୁରେ [illegible] ହେବ ଜନ୍ମନ୍ତି । [illegible]

[illegible]

[illegible]

ମନୁଷ୍ୟ ଜୀବନ ସନ୍ଧାନ ଲାଗି [illegible] ଦୁଃଖ ଏବଂ [illegible] ଜୀବନ ସମ୍ବନ୍ଧ ପ୍ରାୟ ମ ୫୦୦ ଦୁଗ ଅଛି ।

[illegible] ଟ ୨୦୦ ଏ [illegible] ୧୦୦୦ ଗାଲନରୁ ଅଧିକ ଟ ୧୨୫ ଏ ୫୦୦ ଠାରୁ ୧୦୦୦ ଗାଲନ୍ ଟ ୮୨୦୦ ଏ ୨୦୦ ଠାରୁ ୫୦୦ ଗାଲନ୍ ଟ ୧୦୯୧୮୮ ଏ ୫୦ ଠାରୁ ୧୦୦ ଗାଲନ୍ ମଧ୍ୟରେ ଏବଂ ଟ ୫୭୨୫୬୮ ଏ ୨୦ ଗାଲନରୁ ଅଧିକ ଉଠା ହୁଏ । [illegible]

[illegible]

## [illegible] ସମ୍ବାଦ ।

[illegible]

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ କଟୋକଟ୍ଟ ଅଫିସରେ ଉତ୍ତମ ଶ୍ମଶାନଭୂମିର ସୂନ୍ୟ କରିବ ହୋଇଅଛି । ଶୋଳଚଉର ରୋଡ ଉତୋର୍ଣ୍ଣ ଦିନରେ ସେଠାରେ ନାମର ଧୂମଧାମ ଲାଗିଅଛି ।

ଅନାଗତ ଦୁର୍ଭିକ୍ଷ ହେବାର ଆଶାରେ ଅସ୍ମମାନଙ୍କର ମହା ମାନନୀୟ କମିଶନର ସାହେବ ମହୋଦୟ ହୋଡ଼ର ହୁଜାର ଟଙ୍କାର ଧାନ କ୍ରୟ କରି ଉଠାଇବା ନିମନ୍ତେ ମେସେ- ଜରଙ୍କୁ ଆଦେଶ ପ୍ରଦାନ କରିଅଛନ୍ତି । ମେନେଜର ମହାଶୟ ଶ୍ରଦ୍ଧା ସହକାରେ କେଉ ଧାନ ନସୁଭ କଟୋକଟ୍ଟ ଘରେ ମଫ- ସଲ ଗସ୍ତରୁ ଯାଇ ସମାଧା କରୁଅଛନ୍ତି ।

ବର୍ତ୍ତମାନ ସାମାନ୍ୟ ବର୍ଷା ହୋଇଅଛି । ଏଠାର ବର୍ଷ ଦୃଷ୍ଟିରୁ ହୋଇଥିଲେ ଧାନ୍ୟ ମରି ନ ଥାନ୍ତା ।

ଏଠା ଖାଣ୍ଡୁତାଲଣ ସବଡିଭିଜନ ସ୍କୁଲର ସ୍କୁଲରେ ଏକ କଲେକ୍ଟରୀ ପରିଦର୍ଶନ ବାବାଜୀ ଦରିଦ୍ରମାନଙ୍କ କରିଅଛନ୍ତି । ଅସ୍ମମାନଙ୍କ ନବାଗତ ବାବୁ ଶ୍ରୀ ବନମାଳୀ ସିଂହ ମହାଶୟ କଟେଜ କଲେଜରେ ପଢୁଥିବା ଏକ ଅନେକନ ମନୁଷ୍ୟଙ୍କୁ ଦେଖି ଏକ ଗାଳିରେ କହାଇ ଭାତ୍ରିର ସାଙ୍ଗାତ୍ ନେଉଥିଲେ । ସେ ସେଠାରୁ ଏପରି ଅବ୍ୟବସ୍ଥା ଅବସ୍ଥାରେ ଗୁହାକ ଉତ୍ସା- ନେ ଦିନ୍ତୁ ଜାମୋନ୍ତିରେ ପୁଣ୍ୟ ଜାଗି ପାରନ୍ତି ନାହିଁ । ଅସ୍ମମାନଙ୍କ ଅଧିକାଂଶ ସର୍ବତ୍ର ବାବୁ ଶ୍ରୀ ଶ୍ୟାମାଚରଣ ଘୋଷ ମହାଶୟଙ୍କ ଦକ୍ଷତା ଓ ସହ୍ୟତାର ଶୁଭଫଳ କରି ଶତ ଧନ୍ୟବାଦ ଦେଉ ଓ ପାସ କିଛାଣ୍ଡି ବିମନାଇବୁ ଗଲା । ଫଳରେ ଜଣାଗଲା ସେ ସନ୍ଥଦ୍ଧ ଜାଗି ମାନସ କରିବାକୁ ଅଛିଥିଲା । ଏ ମହାଶୟଙ୍କର ବେତନ ଉପରେ ଟ ୨୦ ଙ୍କା ବୃଦ୍ଧି ହୋଇ ଥିଲା । ଏଣୁ ଶତ ଶତ ଧନ୍ୟବାଦ ଦେଉଅଛୁଁ ।

## ପ୍ରେରିତ ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟଙ୍କ ସମୀପେଷୁ

ମହାଶୟ

ଅସ୍ମମାନଙ୍କର ଅତ୍ରତ୍ୟ ଅର୍ଯ୍ୟଧର୍ମ ପ୍ରଚାର ସମାଜ କୁ ନିମ୍ନଲିଖିତ ବଦାନ୍ୟ ବ୍ୟକ୍ତିମାନେ ପୁସ୍ତକ ଏବଂ ଅର୍ଥ ଦ୍ୱାରା ସାହାଯ୍ୟ କରିଥିବାରୁ କୃତଜ୍ଞତା ସ୍ୱୀକାର ପୂର୍ବକ ସେମାନଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଏବଂ ଅନ୍ୟାନ୍ୟ ବଦାନ୍ୟ ବ୍ୟକ୍ତିମାନଙ୍କୁ ପ୍ରାର୍ଥନା କରୁଅଛୁ ସେ ସେମା- ନଙ୍କ ଅନୁକରଣରେ ଏ ସମାଜକୁ ଯଥାଶକ୍ତି ସାହାଯ୍ୟ କଲେ ସାଧାରଣର ଉପକାର ହେବ ଏବଂ ଦାତା ମାନଙ୍କର ପୁଣ୍ୟ ହେବ । ଶ୍ରୀ ସତ୍ୟ ବ୍ରତେ ସାମଶ୍ରମୀ ପୁସ୍ତକ ୧୪୨ ଖଣ୍ଡ । ରାଜା ଟଙ୍କେ ନରସିଂହ—ଋଗ୍ବେଦଭାଷ୍ୟ ୪ ୧ ଖଣ୍ଡ । ସେଣ୍ଟଥ୍ରୀ ଭକ୍ତଯୁଗଳ ଦାସ—ନୈଷଧ ଚରିତ ପୂର୍ବାର୍ଦ୍ଧ ୪ ୧ ଖଣ୍ଡ । ମଧୁସୂଦନ ମିଶ୍ର ବାଲକୃଷ୍ଣ ପୁର—ହନୁ- ମନ୍ନାଟକ ୪ ୧ ଖଣ୍ଡ । ଦାମୋଦର ରଥ ପୁସ୍ତ ବେଣୀମାଧବ ୪ ୧ ଖଣ୍ଡ । ମହେଶଚନ୍ଦ୍ର ଶର୍ମ୍ମା ପୁସ୍ତ—ସୌନ୍ଦର୍ଯ୍ୟଲହରୀ ୪ ୧ ଖଣ୍ଡ । ଗୁଣନିଧି ଦାସ

ମୋଲ୍ଲାର ପୁସ୍ତ ଟ ୮୯ ଙ୍କା । ଦାଶରଥି ରଥ ପୁସ୍ତ ଟ ୧ ଙ୍କା । ନୈଷଧୀୟ ସତ୍ୟବାଦୀ ଦାର- ଗୋବର୍ଦ୍ଧନପୁର ଟ ୩ ୧ଙ୍କା । ସୂର୍ଯ୍ୟମଣି ଦାସ ବ୍ୟାୟାମ ଶିକ୍ଷକ ୫ ୧ ଙ୍କା ।

ବଶମ୍ବଦ

ବାଲନନ୍ଦିନି ଦେବପୁର ୧୭।୧୧।୯୬ } ଶ୍ରୀ ରଘୁନାଥ ମିଶ୍ର ସହକାରୀ ସମ୍ପାଦକ ଆର୍ଯ୍ୟଧର୍ମପ୍ରଚାରସମାଜ

ମହାଶୟ

ଅପଣଙ୍କ ୨୭।୫।୯୬ ପତ୍ରିକାରେ ଶ୍ରୀ ଗୋବିନ୍ଦ- ଚନ୍ଦ୍ରଙ୍କର ପ୍ରଶ୍ନ କରିଥିଲେ ଯେ "ଜଣେ ବ୍ରାହ୍ମଣର ଗୃହଠାରୁ ଅଳ୍ପଦୂରସ୍ଥ ଗୋଶାଳ- ସ୍ଥାନରୁ ରାତ୍ରରେ ଗୋଟିଏ ଗୋରୁ ପଶୁ ସହିତ ଚାଲିଗଲା । ବହୁ ଅନୁସନ୍ଧାନରେ ଉକ୍ତ ଗୋରୁ ନ ମିଳିବାରୁ ଗୋସ୍ୱାମୀ ପ୍ରାୟଶ୍ଚିତ୍ତର ଯୋଗ୍ୟ କି ନା ?"

ଏ ବିଷୟ ଏ ସ୍ଥଳରେ ଆଲୋଚିତ ହୋଇ ସ୍ଥିର ହେଲା ଯେ, ଉକ୍ତ ବ୍ରାହ୍ମଣ ଗବାଳୟକୁ ଗୃହ ନିକଟରେ ନ କରିବାରୁ ରାତ୍ରି ସମୟରେ ଗବାଳୟରେ ତାଲା ନ ଦେବା ଦୋଷରୁ ଉକ୍ତ ଗୋରୁ ଚାଲିଗଲା । ତାକୁ କେହି ଚୋ- ରାଇ ନେଇଥିବା କିମ୍ବା ହିଂସ୍ରଜନ୍ତୁ ନେଇ ଭୋଜନ କରିଥିବା ଅଥବା ହିଂସ୍ର ପଶୁ ଖାଇଯାଇଥିବା ମଧ୍ୟ ଅନୁମାନ କରାଯାଇ ପାରେ । ଏଥିରେ ଗୋସ୍ୱା- ମୀର ପାଳନା କରିଣ ଜନିତ ଦୋଷ ହେଉଅଛି ପ୍ରମାଣଂ ଯଥା; ଯାଜ୍ଞ ବଲ୍କ୍ୟ ।—ଶୀତ ବାତା- ତପା ବା ସ୍ୟାଦୁକନକଦହନାଦ୍ୟପି ବା । ଶୂନ୍ୟାଗାର ଉପେକ୍ଷାସ୍ତୁଂ ପ୍ରାଜ୍ଞାପତ୍ୟଂ ବିନିର୍ଦ୍ଦିଶେତ୍ । ଇଦଂ ତୁ କାର୍ଯ୍ୟାନ୍ତରବ୍ୟଗ୍ରତୟୋପେକ୍ଷାୟାଂ ବେଦିତବ୍ୟଂ । କାର୍ଯ୍ୟାନ୍ତରବ୍ୟଗ୍ରତାମ୍ବୋପେକ୍ଷାୟାଂ ଦ୍ୱିଗୁଣଂ । ଉପରୋକ୍ତ ବାକ୍ୟରୁ ଜଣାଗଲା ଯେ ରକ୍ଷକ ଅଜ୍ଞାନରେ ଗୋରୁ ଶୀତ ବାତାତପରେ, ନିକଟରେ କିମ୍ବା ଗବାଳୟକୁ ଉଦ୍ୟାନ କରି ଆଣିଲେ ଯଦି ଗୋରୁର ବିପତ୍ତି ଘଟେ, ତେବେ ଗୋସ୍ୱାମୀ ପ୍ରାଜାପତ୍ୟ ବ୍ରତ କରିବେ । ଅନ୍ୟ ଅବଶ୍ୟକ କାର୍ଯ୍ୟାନ୍ତରରେ ଉଦ୍ୟୋଗ କରିଥିଲେ ସମ୍ପୂର୍ଣ୍ଣ ଏବଂ ଅବଶ୍ୟକ କାର୍ଯ୍ୟବଶତଃ ତ୍ୟାଗ କରିଥିଲେ ଅର୍ଦ୍ଧବ୍ରତ ପାଳନ କରିବେ ।

ବଶମ୍ବଦ ।

ବାଲନନ୍ଦିନି ଦେବପୁର ୧୭।୧୧।୯୬ } ଶ୍ରୀ ରଘୁନାଥମିଶ୍ର ସହକାରୀସମ୍ପାଦକ ଆର୍ଯ୍ୟଧର୍ମପ୍ରଚାରସମାଜ

ମହାଶୟ

ଅପଣଙ୍କ ୨୭।୫।୯୬ ପତ୍ରିକାରେ ଚୋଠାର ସ୍କୁଲ ଶ୍ରୀ ନାରାୟଣ ମିଶ୍ର ପ୍ରଶ୍ନ କରିଥିଲେ ଯେ "ଜଣେ ବୈଶ୍ୟର କେତେକ ଗୋରୁ ଜଣେ ଅନ୍ୟ ବନ୍ଧୁଙ୍କୁ ରଖିବା ଉଦ୍ଦେଶ୍ୟରେ ଦେଲେ ଏବଂ ଗୋରୁ ଜଳ ପାନ କରିବାକୁ ଯାଇ ଜଳ ପ୍ରବା- ହରେ ଭାସି ଏକ ଜାଲରେ ପଡ଼ି ପ୍ରାଣ ହରାଇ- ଲେ । ଉକ୍ତ ଘଟନ ଏହା ଦେଖି ମଧ୍ୟ ଅନ୍ୟ ଧୀବରମାନଙ୍କ ସହ କ୍ରୀଡ଼ା କରୁଥିଲେ; ପରେ ମନୁଷ୍ୟମାନେ ଓ ଅନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ସ୍ରୋତରୁ ଉଦ୍ଧାର କରିଥିଲେ ଗୋରୁ ମୃତ ହୋଇ ଅଛି । ଏଥିରେ କିଏ ପାପଭାଗୀ ହେବ" ।

ଉକ୍ତ ପ୍ରଶ୍ନ ଏ ସ୍ଥଳରେ ବିଚାରିତ ହୋଇ ସ୍ଥିର ହେଲା ଯେ, ଗୋସ୍ୱାମୀ ଜଣେ ସମର୍ଥ ରକ୍ଷକ ( ଯେ କି ଗୋରୁକୁ ବିପଦରୁ ଉଦ୍ଧାର କରି ପାରନ୍ତି ଏବଂ ଗୋ ରକ୍ଷାର କର୍ତ୍ତବ୍ୟତା ବୁଝିଥା- ଆନ୍ତି ) ନିଯୁକ୍ତ କରି ନ ଥିବାରୁ ଏବଂ ରକ୍ଷକ ଦୋଷରୁ ଗୋରୁ ଜଳସ୍ରୋତରେ ପଡ଼ି ମୃତ ହେବାରୁ ଉଭୟଙ୍କର ପାଳନାଭାବଜ ଜନିତ ଦୋଷ ହେଉଅଛି । ପ୍ରମାଣଂ ଯଥା; ଯାଜ୍ଞବଲ୍କ୍ୟ ।—

ଜଲୌଘପଲ୍ଲଲେ ମଗ୍ନା ମେଘବିଦ୍ୟୁଦ୍ହତାପି ବା, ଶ୍ୱଭ୍ରେ ବା ପତିତାକସ୍ମାତ୍ ଶ୍ୱାପଦେନାପି ଭକ୍ଷିତା ପ୍ରାଜାପତ୍ୟଂ ଚରେତ୍ କୃଚ୍ଛ୍ରଂ ଗୋସ୍ୱାମୀ ବ୍ରତ- ମୁତ୍ତମଂ । ଅର୍ଥାତ୍ ପାଳନ ଦୋଷରୁ ଗୋରୁ ଯଦି ଜଳସ୍ରୋତ ଓ ପୁଷ୍କରିଣୀରେ ମଗ୍ନ କିମ୍ବା ବା ବିଦ୍ୟୁତ୍ପାତ ହେଉ କୌଣସି ଗର୍ତ୍ତରେ ପତିତ କିମ୍ବା ଶ୍ୱାପଦଦ୍ୱାରା ଭକ୍ଷିତ ହୋଇ ମୃତ ହୁଏ ତେବେ ଗୋସ୍ୱାମୀ ପ୍ରାଜାପତ୍ୟ ବ୍ରତ କରିବେ , ତୁରନ୍ତ ଏହା ବୁଝିଲୁ ସମାନ ରୂପେ ପାଳନ କରିବେ । ପ୍ରମାଣଂ ଯଥା; ଏକାନେକକର୍ତ୍ତୃକ ଘାତନ ଦେବାର୍ ବ୍ୟ ଘାତନା କୃଚ୍ଛ୍ର । ପାଦଂ ପାଦଂଲୁ ହତ୍ୟାସ୍ୟାଶ୍ଚରେୟୁସ୍ତେ ପୃଥକ୍ ପୃଥକ୍ ଅର୍ଥାତ୍ ଏକ କିମ୍ବା ବହୁବ୍ୟକ୍ତିଙ୍କଦ୍ୱାରା ହେବାର (ଅଜ୍ଞାତ ଭାବେ) ଗୋରୁ ବଧ ହେଲେ ପ୍ରତ୍ୟେକେ ପୃଥକ୍ ଏକ ପାଦଦୋଷ ପାଳନ କରିବେ ।

ବଶମ୍ବଦ

ବାଲନନ୍ଦିନିଦେବପୁର ୧୭।୧୧।୯୬ } ଶ୍ରୀ ରଘୁନାଥମିଶ୍ର ସହକାରୀସମ୍ପାଦକ ଆର୍ଯ୍ୟଧର୍ମପ୍ରଚାରସମାଜ

## ମୂଲ୍ୟପ୍ରାପ୍ତି ।

| | |
|---|---|
| ରାଜା ବଲ୍ଲଭ ଷଡଙ୍ଗୀ | ଟ ୩ ୧ |
| ବାବୁ ଲାଲୁ ଠି କେରଙ୍ଗ ସିଂହଦେବ | ଟ ୩ ୧ |
| ,, ଗୋବିନ୍ଦର ଘୋଷ ବର୍ମ୍ମ | ଟ ୩ ୧ |

Digitized by srujanika@gmail.com

# ବିଜ୍ଞାପନ ।

## ବିଶେଷ ଦ୍ରଷ୍ଟବ୍ୟ ଓ ବିଶେଷ ସୁବିଧା ।

ଉପେନ୍ଦ୍ରଭଞ୍ଜଙ୍କ କୋଷ୍ଠୀବ୍ରହ୍ମାଣ୍ଡସ୍ୱଦଶୀ ପୁସ୍ତକ ଟୀକାସହିତ ଅତି ବୃହଦାକାରରେ ମୁଦ୍ରିତ ହୋଇଥିଲେ ସୁଦ୍ଧା ସାଧାରଣଙ୍କ ସୁବିଧା ନିମନ୍ତେ ଅଳ୍ପ ଅଦେଶ ପର୍ଯ୍ୟନ୍ତ ଅର୍ଦ୍ଧମୂଲ୍ୟରେ ଅର୍ଥାତ୍ ଟ ୧୯ ଟାରେ ବିକ୍ରି ହେବ । ମୋଫସଲ ନିମନ୍ତେ ଡାକମାସୁଲ ଅଧିକା ପଡିବ । ପାଠକେ ସାବଧାନ ଅର୍ଦ୍ଧମୂଲ୍ୟରେ ବିକ୍ରି ହେବାର ସମୟ ଅଳପଦିନରେ ଶେଷ ହେବ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

## ବିଜ୍ଞାପନ ।

ବାବୁ ଜଗନ୍ନାଥ ରାଓଙ୍କର ପକେଟ ଉତ୍କଳ-ଅଭିଧାନର ମୂଲ୍ୟ ପୂର୍ବେ ଟ ୧୯ ଟା ଥିଲା । ସର୍ବସାଧାରଣଙ୍କ ସୁବିଧାନିମନ୍ତେ ବର୍ତ୍ତମାନ ଉକ୍ତ ପୁସ୍ତକର ମୂଲ୍ୟ ଟ ୧୵ ଧାର୍ଯ୍ୟ ହୋଇ ପ୍ରିଣ୍ଟିଂକୋମ୍ପାନୀ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ।

## NOTICE

Wanted an Entrance passed teacher, salary Rs. 15. He will get an allowance of Rs. 10 if competent to teach drawing up to the Entrance Standard. Apply by the 31st December 1896 to the Secretary H. E. School, Jajpur.

| | |
|---|---|
| ବସନ୍ତରାସ | ଟ ୧୯ |
| ହୁଲେନଜାପରଣସୁ | ଟ ୦୩ |
| ସ୍ନେହକୀମୃତ | ଟ ୦। |
| ଗୋବିନ୍ଦଚନ୍ଦ୍ରଦାବଳୀ | ଟ ୦୵ |
| ଜନକଲତା | ଟ ୦।୵ |
| ଷଟବୋଳ | ଟ ୦। |
| ଦୀପସାଗନ୍ଦ୍ରୋଦୟ | ଟ ୦। |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## "ପାଠକମାନଙ୍କ ନିକଟରେ ନିବେଦନ ।"

ଚୌଧୁରୀ ବଜାର ମେଡିକାଲହଲ ହୋମିଓପ୍ୟାଥିକ ବାକ୍ସ ମଧ୍ୟ ଉକ୍ତ ସମୟରେ ବେଳ ଅମ୍ଭେ ତାହି ପ୍ରକୃତର କାରବାର କରୁଅଛୁଁ ମୋଫସଲ ବାସୀମାନେ ଅମ୍ଭ ନିକଟ ଯେ କୌଣସି ମାଲ ଅର୍ଡର ଦେଇ ସକାଶ ଖରଚ କରନ୍ତେ ତାହା ବଜାର ଦରରେ କିମ୍ବା କମିଶନ କଟାଇ ଦେବାକୁ ପ୍ରସ୍ତୁତ ଅଛୁଁ ଅମ୍ଭ ସହିତ ଏଥିରେ କାରବାର କରି ଲାଭବାନ ହୋଇବେ । କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରୁଁ ।

କଟକ } ଶ୍ରୀ ଅନ୍ନପୂର୍ଣ୍ଣାଚରଣ ଘୋଷ ।
୮।୩।୯୬ }

## ବେତାଳ ପଞ୍ଚବିଂଶତି ।

ଯନ୍ତ୍ରସ୍ଥ

## ବିଜ୍ଞାପନ ।

| | |
|---|---|
| ଶ୍ରୀମଦ୍ଭଗବଦ୍ ଗୀତାପୁସ୍ତକ | ଟ ୦।୵ |
| ଶ୍ରୀମଦ୍ଭାଗବତ ଦଶମସ୍କନ୍ଧ ମୂଲ୍ୟ | ଟ ୦ ୬ |
| ହେମଲତାର ଗଳ୍ପ | ଟ ୦ ୵ |
| କାର୍ତ୍ତିକମାହାତ୍ମ୍ୟ | ଟ ୦ ୭ |
| ହନୁମାନ ଓ ଇନ୍ଦ୍ରଜିତ ବାସୁକା | ଟ ୦ ୵ |
| ଜାନକୀଲଳ ବାସୁକା | ଟ ୦ ୧୬ |
| ଲକ୍ଷ୍ମୀଘୋଡ଼ି ଓ ଅଙ୍ଗଦପଡ଼ି | ଟ ୦ ୩ |
| ରୁକ୍ମିଣୀହରଣ ମୂଲ୍ୟ | ଟ ୦ ୵୩ |

ଏଠା କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଶୀଘ୍ର ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରୁଯାଉଅଛି ଯେ କଟକ ସହର ବଡ଼ବଜାର ସଦର ଡାକଘର ନିକଟରେ ଏକ ନୂତନ ଡାକ୍ତରୀ ଔଷଧାଳୟ ଖୋଲାଯାଇ ଅଛି । ଏଥିରେ ସମସ୍ତ ପ୍ରକାର ବିଲାତି ଡାକ୍ତରୀ ଔଷଧ ଏବଂ ଅସ୍ତ୍ର ଶସ୍ତ୍ର ଓ ରୋଗୀମାନଙ୍କ ନିମନ୍ତେ ପ୍ରସ୍ତୁତ ବିଲାତି ଖାଦ୍ୟ ବିକ୍ରୟ ହୁଏ । ଏହା ଛଡ଼ା ସ୍ୱତନ୍ତ୍ର ଡାକ୍ତରମାନଙ୍କ ପ୍ରସ୍ତୁତ ନାନା ବିଧ ଔଷଧ ମଧ୍ୟ ବିକ୍ରୟ ହୁଏ । ଅନ୍ୟାନ୍ୟ ଔଷଧାଳୟ ଅପେକ୍ଷା ଏଠାରେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଔଷଧ ପ୍ରାପ୍ତ ହୁଏ । ପୁନଶ୍ଚ ଅମ୍ଭର ସମସ୍ତ ଔଷଧ କଲିକତା ବାଥଗେଟ କମ୍ପାନୀଙ୍କର ନୂତନ ଜିନିଷ ଆମଦାନୀ ଅଟେ । କୌଣସି ପୀଡ଼ିତ ବ୍ୟକ୍ତି ପୀଡ଼ାର ସମସ୍ତ ବିବରଣ ଟ ୧୬ ମୂଲ୍ୟ ଡାକଟିକଟ ସହ ଅମ୍ଭଙ୍କୁ ଲେଖିଲେ ଅମ୍ଭେ କଲିକତାରେ ଔଷଧ ବ୍ୟବସ୍ଥା କରାଇ ଦେଇ-ଦେବା ଅନ୍ୟାନ୍ୟ ଡାକ୍ତରମାନଙ୍କ ବ୍ୟବସ୍ଥା ଅମ୍ଭ ନିକଟକୁ ପଠାଇଲେ ଅମ୍ଭେ ସ୍ୱୟଂ ଅତି ସତ୍ୱରେ ଔଷଧ ପ୍ରସ୍ତୁତ କରି ପାର୍ସେଲଦ୍ୱାରା ଏ (V. P. Parcel) ଡାକ ଯୋଗେ ସତ୍ୱର ପଠାଇ ଦେଉଁ । ଏହାଛଡ଼ା ଅଙ୍ଗ୍ରେଜଙ୍କ ଚିକିତ୍ସା ନିମନ୍ତେ ଅମ୍ଭ ନିକଟରେ ପ୍ରସ୍ତୁତ ବିଲାତି ଔଷଧ ବିକ୍ରୟ ହୁଏ ।

ନିମ୍ନ ଲିଖିତ ଠିକଣାରେ ପତ୍ର ଲେଖିବା ସକାଶେ ଗ୍ରାହକମାନଙ୍କୁ ଅନୁରୋଧ ।

ଶ୍ରୀ ମଉଲେଭ ଯଦୁସୁଦନ ଖାଁ
ଡି. ଏଲ ଏମ୍‌, ଏସ୍‌, ଲ
କ୍ୟେନେରେଲ ମେଡିକେଲ ହଲ
କ୍ୟାଲକଟମେଣ୍ଟ ବଜାର
କଟକ
୧୮।୯।୯୬

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ସଂଲଗ୍ନ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । କେତେକ ଜିନିଷର ମୂଲ୍ୟ ସହିତ ତାଲିକା ଦିଆଗଲା ।

### ଲେଖିବାର ଦ୍ରବ୍ୟ ।

| | | |
|---|---|---|
| ଡ୍ରଇଂ ପେନସିଲ (ରେଭେନପେଲ) | ୧ ଡଜନକୁ | ଟ ୧ ୵ |
| ,, ନୀଳ ,, ପ୍ରକାର | ଡ ୧ ଡଜନ | ଟ ୦ ୩, ୵, ୩ |
| ,, ସେପର ,, | ଡ ୧ ଗ୍ରୋସ | ଟ ୧୵, ୩, ।୵ |
| ,, ଦୃଶ | ଗ ୧ ଜନ | ଟ ୦ ୩ |
| ,, ଜବ (କ୍ୱୋଲିଟୀଭାରସହିତ) ଗୋ ୧ ଥାକ | | ଟ ୦ ୵ |
| ପିଞ୍ଜ ପେନସିଲ | ଡ ୧ ଜନ | ଟ ୦ ।/ |
| ,, କଲମ ହିଷ୍ଟଲ ସରଗା | ଡ ୧ ଜନ | ଟ ୧ ୵ |
| ,, ,, ,, ଭରସା | ଡ ୧ ଜନ | ଟ ୦ [illegible] |
| ,, ,, ମସୃଣ | ୦ ଗ୍ରୋ | ଟ ୦ ୵ |
| ,, ଫୁଲସ୍କେପ କାଗଜ (ରଙ୍ଗୀନ) | ଡ ୧ ରିମ | ଟ ୪ ୬ |
| ,, ,, ,, (ମଧ୍ୟମ) | ଡ ୧ | ଟ ୩ |
| ,, ,, ,, [ଉତ୍ତମ] | ଡ ୧ | ଟ [illegible] |
| ,, ଡ୍ରଇଂ ପେପର ଭରସା | ଡ ୧ | ଟ ୧୦ |
| ,, ,, ,, ଉତ୍ତମ | ଡ ୧ ରି | ଟ ୮୩ |
| ,, ଜବ [ ଆଲିଗ୍ଜାଣ୍ଡର ] ଜାଗିଭାର | ଡ ୧ ଜନ | ଟ ୦ ୵୭ |
| ,, ଷ୍ଟ୍ରେଟ କାଳୀ [ ତ୍ରିଫିନର ] ବଡ଼ | ବୋ ୧ | ଟ ୧୩ |
| ,, ,, ,, ମଧ୍ୟମ | ବୋ ୧ | ଟ ୦ ୵ |
| ,, ,, ,, ସେଣ୍ଟ | ବୋ ୧ | ଟ ୦ ।/ |
| ଲାଲ ,, ,, ବଡ଼ | ବୋ ୧ | ଟ ୧୩ |
| ,, ,, ,, ଛୋଟ | ବୋ ୧ | ଟ ୦ ୵ |
| ସେନସୁଦର ବ୍ଲୁବ୍ଲାକ କାଳି | | |
| ,, ବଡ଼ | ବୋ ୧ | ଟ ୦ ୪ |
| ,, ,, ,, ଛୋଟ | ବୋ ୧ | ଟ ୦ ୧ |
| ,, ଲାଲ | ବୋ ୧ | ଟ ୦ ୨ |
| ଟ୍ରେସିଂ ପେପର | ଖ ୧ | ଟ ୧୩ |
| ସିଲ ,, | ଡ ୧ ଜ | ଟ ୩୩ |
| ହେଣ୍ଡଲ ହୁକ୍ସ ନେଶା ଟ ୧ ୵ ଠାରୁ | | ଟ ୦ |
| ଷ୍ଟିଲ ପେନ (ଜଲ) | ଗ୍ରୋ ଜନ ୬ | ଟ ୧।୵ |
| ,, ଦୃଶ | ଡ ୧ ଟ୍ରେଲ | ଟ ୫ |
| ,, ରବର (ଇଣ୍ଡିଆପେପରଷ୍ଟି) ଗୋ ୧ ଟା ୵ | | ଟ ୦ । |

Digitized by srujanika@gmail.com

Split by PDF Splitter



ଅତିଶ ପୁଷର ( ଛାପର ) ଚାର୍ଟଷାର
ଗୋ ୧ ଖ ୯ ଓ ୧୧ ଠାରୁ ଓ ୦ ।୵ ପର୍ଯ୍ୟନ୍ତ
„ ଲଡବଗ ( ଦଲଗ ) ବା ୧ ଦୁଷ ୯ ଓ ୪
ସେକଣ୍ଡିକଶ୍ମ ବଳ ( ଭୂଡାବଣ୍ଟ ) ଗୋ ୧ ୯ ଓ ୦ ୮
ଚାଇନାଲଭ ଦେଶୀ ୧୭ ପା-ଗୁଃଷିନ ଓ ୨।୵
„ „ ୧୮ ପା „ ଓ ୨।୵
ଦଟିକ ଘାରେ ଚାର୍ଟଷାର ପ୍ରଚଣ୍ଡାଳେଇ ଓ ୦ ।୵ ଠାରୁ ଓ ୧୨
„ ଇତାପା ୦୦ ୯ ଓ ୦ ।୵ ଠାରୁ ଓ ୧।୵

ଏପର ଉଲ୍ଲିଖିତ୍ରମ୍ବେପ, ଇଏଲ ନାନା ଉଚ୍ଚଳ ଓ ସାଦା କାଗଜ ନାନା ଭଙ୍ଗରେ ବଳେ ମିଳଇ ।

ଉପରଲିଖିତ ବଳ ସବୁ ଠିକ ସଲଗାର ବଢ଼ାଇ ଦର ଅନୁଯାଇ ଲେଲେ ମିଶା ଅଧିକ ହୁଅନ୍ତି ମାଛ ଅବେ ଶ୍ରୀମାନ୍ମାନେ ସ୍ଵଲ୍ପମୂଲ୍ୟରେ ନେବାକୁ ମୁଣ୍ଡ କରନ୍ତୁଥାନ୍ତି। ଉାଇଲ୍ଡ ଘଣ୍ଟିକ ଇତ୍ୟାଦି ଅଳ୍ପାନ୍ୟ ଏବ୍ ସେଣୀର ଟ୍ରବ୍ୟ ଏକ ମେଟ୍, ଭଣ୍ଡାର, ଅଲମାରୀ ଚଉକି ଅଟିମ୍ ଓ ଦୂରି ଜିନସ୍ରେ ସାହା ଅଦରକାର ତେ ବ ନେ ସେ ଜିନସ୍ ପଠା ଇଣ୍ଣା ଜିନସ୍ରେ ସୁରୁକ ଅଛୁଁ ।

# ଉତ୍କଳଗୌରବ

ଶ୍ରୀମତ ସୁଲକ୍ଷଣା ଦେବୀ ଦ୍ଵାରା
ପାଠକାଠମାଳା
ମୂଲ୍ୟ ୫ ୦ । ଅଣା
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

# ବିଜ୍ଞାପନ ।



ଔଷଧ ଓ ଦୁଇ ମହମୂଲ୍ୟ କାର୍ଯ୍ୟ ସ୍ଥଳସ୍ଵରୂପ ହୋଇ ଶୀଘ୍ର ଗ୍ରାହକଙ୍କ କାର୍ଯ୍ୟ ଦଣ୍ଡ ଦିବାର ବନ୍ଦୋବସ୍ତ ହୋଇଅଛି; ସାହାଙ୍କର ପ୍ରୟୋଜନ ହେବ ସେ ଔଷଧ ଓ ଦୂରାହ ଏଠାକୁ ପଠାଇଦେଲେ ଜବାବ ପାଇବେ ଯାଇ ପାଇବେ । ଇତି ।

କଟକ ପ୍ରିଣ୍ଟିଂ କମ୍ପାନୀ
ଅଫିସ } ଶ୍ରୀ ଗୌରୀଶଙ୍କର ରାୟ
ବକ୍ସିବଜାର୍, କଟକ

ଗର୍ଣ୍ଣମେଣ୍ଟଙ୍କ ପଞ୍ଜିକୃତ ।

# ଯାଦୁର ଅବ୍ୟର୍ଥ ମହୌଷଧ ।

## ( ବହୁଲୋକଙ୍କ କର୍ତ୍ତୃକ ପ୍ରଶଂସିତ । )

ମୂଲ୍ୟ ପ୍ରତିଶିଶି ୫ ୦ ।୵ ଛଅ ଅଣାମାତ୍ର ।

ଏହି ଔଷଧଟିର ସ୍ଵଳ୍ପକାଳର ଚର୍ମ୍ମ ରୋଗ ଅପେକ୍ଷା ଦୁଇ ତିନି ଦିନ ଲଗାଇଲେ ଔଷଧ ଲଗାଇଲେ କୌଣସି ପ୍ରକାର ଜ୍ଵାଳା ଯନ୍ତ୍ରଣା ହୁଏ ନାହିଁ । ଦୁଇତିନିଥର ଔଷଧ ଲଗାଇଲେ ଅଶାତୀତ ଉପକାର ଦେଖାଯାଏ । ଯାହା କେବଳ ଏହାପରି କଣ୍ଡୁ ଔଷଧ ଅନ୍ୟ ଦେଖାଯାଏ ନାହିଁ । ଏହା ବହୁ ସାଧାରଣର ହିତସାଧନ ପାଇଁ ପ୍ରସ୍ତୁତ ଅପେକ୍ଷା ଭଲ କରି ମୁକ୍ତକଣ୍ଠରେ ପ୍ରଶଂସାପତ୍ର ଦେଇଅଛନ୍ତି । ସେମାନେ ଏହି ଭୂମିରେ ବ୍ୟାଧିରେ ଆକ୍ରାନ୍ତ ସେମାନେ ଅନ୍ତତଃ ଥରେ ପରୀକ୍ଷା କରି ଦେଖନ୍ତୁ, ଫଳର କଦାପି ଚଞ୍ଚଳ ହେବ ନାହିଁ ଏହା ସାହସ ପୂର୍ବକ କୁହାଯାଇ ପାରେ । ଏ ଔଷଧର ଅନୁରୂପ ଅନେକ ଗୁଣ ଅଛି ଏହାଦ୍ଵାରା କାଛୁ, କୁଡିଆ, ନାନାପ୍ରକାର ଚର୍ମ୍ମରୋଗ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି ।

ଔଷଧ ପ୍ରାର୍ଥୀମାନେ ଅପଣା ନାମ, ଧାମ, ଡାକଘର ଲେଖି ଏବ ଦାମର ଟଙ୍କା ମନିଅର୍ଡର ଅବା ଷ୍ଟାମ୍ପରେ ଲେଖିଲେ ଶୀଘ୍ର ଔଷଧ ପ୍ରେରଣ ହୁଏ ।

ଶ୍ରୀ ରାମଚନ୍ଦ୍ର ଦାସ ।
ହେଡ଼ ପଣ୍ଡିତ ହାଇସ୍କୁଲ, ବାଲେଶ୍ଵର

# ସୁବାସିତଦ୍ରବ୍ୟ ବିକ୍ରୟ ।।

ନିମ୍ନଲିଖିତ ସୁବାସିତ ତେଲ ପ୍ରଭୃତି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ମୋଫସଲର ଗ୍ରାହକମାନେ ଭଣ୍ଡାର ଟଙ୍କା ପଠାଇବେ । ଭି, ପି ଏଦ୍ରବ୍ୟମାନ ପଠା ଯିବନାହିଁ । ପ୍ୟାକିଂ ନିମନ୍ତେ ୫ ୦ ୯ ଅଧିକ ପଠାଇବାକୁ ହେବ ।

| | | |
|---|---|---|
| ସୁବାସିତ କୁନ୍ତଳୀନ ୧ ଶିଶି ୯ | | ୫ ୧ |
| ଚନ୍ଦ୍ରକାନ୍ତ „ | ୧ „ | ୫ ୧୪ |
| ଦେଶଭଗ୍ନରାଜ „ | ୧ „ | ୫ ୨ |
| ଲ୍ୟାଭେଣ୍ଡର ଓ୍ଵାଟର ବଡ଼ଶିଶି | | ୫ [illegible] |
| ଏଜନ | ଛୋଟଶିଶି | ୫ ୦ [illegible] |
| ୟୁଡିକଲୋନ ଓ୍ଵାଟରଓ୍ଵାର | ବଡ଼ଶିଶି | ୫ ୧୪ |
| ଇଉଡିକଲୋନ | ଛୋଟଶିଶି | ୫ [illegible] |
| ଏଜନ | ବଡ଼ „ | ୫ ୦ [illegible] |
| ଗୋଲାପି ଓ୍ଵାଟର | | ୫ ୦ [illegible] |
| ଏସେନସ | | ୫ ୧ |

CHEAP ! CHEAP ! CHEAP

**SCHOOL BOOKS.**

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଅଛିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ବକସିବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

# ବିଜ୍ଞାପନ ।

ମାଇନର୍, ଏଣ୍ଟ୍ରାନ୍ସ୍, ଅପର୍ପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ଇଂରାଜୀ ବ୍ୟାଖ୍ୟା, ଓ ଆଟଲାସ୍, ଔଷଧ ପ୍ରଭୃତି ସୁଲଭମୂଲ୍ୟରେ କଟକ ବକସିବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲ ଛାତ୍ର ଓ ଶିକ୍ଷକମାନେ ଅନାୟାସରେ ପାଇପାରିବେ।

ଉତ୍କଳଦୀପିକାର ଅଗ୍ରିମ ମୂଲ୍ୟ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରତିବର୍ଷର ନିମନ୍ତେ

| | |
|---|---|
| ଡାକମାସୁଲ | ୫ ୩ ୪ |
| ଅଗ୍ରିମ୍ୱ | ୫ ୨ |
| ଦୁଇ ଏକ ଖଣ୍ଡ | ୫ ୩୧ |

ମାତ୍ର କୌଣସି ଲୋକଙ୍କୁ ଦେଇ ସହ୍ରୃଦୟଙ୍କ ଅଧିକ ଏହା ୫ ୦ ୧ ରୁ କମ ହେବ ନାହିଁ

ବିଜ୍ଞାପନଦାତାଙ୍କର ଲାଗେ ପ୍ରତି ପଙ୍‌କ୍ତି ଓ ଦୁଇଗୁଣ ଅଧିକ ଦେବ

ଅଗ୍ରିମ ବିନା ମାଗଣା ଗ୍ରାହକ କରାଯିବ ନାହିଁ ।

ଦରଖାସ୍ତ ଇତ୍ୟାଦି ସମ୍ପାଦକଙ୍କ ଠାକୁ ପଠାଇବାକୁ ହେବ ।

ଏହି ପତ୍ରିକାଟି କଟକ ଓଡ଼ିଆ ବକସିବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. [illegible]

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

| | | |
|---|---|---|
| ଖଣ୍ଡ ୩୯ . / [illegible] ସଂଖ୍ୟା | ତା ୧୨ ଶ ମାଘ [illegible] ସନ ୧୩୧୧ ମସିହା । ମୁ । [illegible] ୨୬ ଶ ମାର୍ଚ୍ଚ [illegible] ୧୯୦୪ ସାଲ ଶନିବାର । | ଅଗ୍ରିମ ୨ ୩ / ପଶ୍ଚାଦେୟ ୩ ୫ |

ଗତ ମଙ୍ଗଳବାର ମାନ୍ୟବର ବଙ୍ଗେଶ୍ୱର ବାହାଦୁର ଆପଣାର ବେଲଭେଡିୟର ପ୍ରାସାଦରେ ଲ୍ୟାଣ୍ଡ ସ୍ୱନନ ଓ ଖିଲିତ ବରଣ ଉପଲକ୍ଷରେ ଦରବାର କରଥିଲେ। ସେଠାରେ ଉପସ୍ଥିତ ହେବା ନିମନ୍ତେ ଏଠାରୁ ସ୍ୱସ୍ତ ଦର-ବଷର ବୋଷ ବାହାଦୁର ଗତ ସପ୍ତାହରୁ ଯାଇଅଛନ୍ତି ।

---

ନିଷ୍ଠାଗ ଭୂମିକ୍ଷ ଅବଗତ ହୋଇଅଛନ୍ତି ଯେ ଶୈତ୍ୟକାଳରେ ଅଳ୍ପସ୍ୱଳ୍ପ ହତାଶ ହୋଇଅଛି । ସ୍ୱାସ୍ଥ୍ୟ ରକ୍ଷକମାନେ ବିଶ୍ୱାସ କରୁଅଛନ୍ତି ଯେ ହର ଅଳ୍ପ ଉଗା ନ ହେଲେ ସେମାନେ ଗୋଦାମ ଫିଟାଇବେ ନାହିଁ । ତେବେ ଦର ହେଲେ ସେମାନଙ୍କର ଆଶା ପୂର୍ଣ୍ଣ ହେବ ଲେଖା ନାହିଁ ।

---

ସ୍ୱସ୍ତ ସିଭରଣ ବୋଗସ୍ ବାହାଦୁର କଲି-କତାର ସେରିଫ ପଦରେ ନିଯୁକ୍ତ ହୋଇଅଛନ୍ତି । ଏହି ସମ୍ମାନର ପଦ ଏଥି ପୂର୍ବେ ଦେଶୀ ସାଧାରଣ ମହାଜନ ପାଇ ନ ଥିଲେ । ବୋଗସ୍ ବାହାଦୁରଙ୍କ ବଦାନ୍ୟତା କାହାରି ଅବିଦିତ ନାହିଁ । କଲିକତା ପଶୁ ଚିକିତ୍ସାଳୟର ମୂଳାଧାର ଏ ମହାଶୟ ଅଟନ୍ତି । ଏହାଙ୍କର ନିଯୋଗରେ ସମସ୍ତେ ଆନନ୍ଦିତ ହେବେ ।

---

ଜାନୁଆରି ମାସିକର ଅସ୍ଥାୟୀ ଅର୍ଥବେଧକ ଅନ୍ତ ଅନୁଦାନ ରହିଲା । ସୁତରାଂ ବର୍ଷସ୍ତ ଯେ ଜନସାଧାରଣମାନେ ଯଥୋଚିତ କାତର ହୋଇ ସମୟାନୁସାରେ ଅଯୋଜନ କରୁଅଛନ୍ତି ଏବଂ ଅର୍ଥସଙ୍ଗ୍ରହ ସନ୍ତୋଷଜନକରୂପେ ହେଉଅଛି । ବଙ୍ଗଳାର ଠାକୁର ପ୍ରଭୃତି ନିକାରଣ ଲାଗି-ଅଛି । ମାନ୍ୟବର ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ମେଦିନୀପୁରରୁ ଆସି ଏକ ସଭା କରଥିଲେ । ସଭାରେ ପ୍ରଭୃତି ନିବାରଣ ଏବଂ ଏକସହସ୍ର ଟଙ୍କା ଦେବା ସଙ୍ଗୃହୀତ ହେଲା । ଅଳ୍ପ ଏବଂ ବଜାର ଟଙ୍କା ମିଳିବାର ଆଶା ଅଛି ।

---

କଟକ କଲେକ୍ଟରୀ ସଦର ମହକୁମାରେ ଜଣେ ସବ୍ ଡେପୁଟି କଲେକ୍ଟର ଦରକାରୁ ଆସି ପହୁଞ୍ଚିଲାରୁ ସଃ ଡେଃ କଲେକ୍ଟର ମୌଲବୀ ଛାଡମୂକ ଅଲି ବେଙ୍ଗାଲ ରେଭେନ୍ୟୁ ଇନ୍ସପେକ୍ଟର କାର୍ଯ୍ୟରେ ପ୍ରେରିତ ହୋଇଅଛନ୍ତି । ମୌଲବୀ ସାହେବ ଯେପରି ଶାନ୍ତ ପ୍ରକୃତି ଓ ଧର୍ମଭୀରୁ ଲୋକ ଅମ୍ଭେମାନେ ଆଶା କରୁଁ ସେ ନୂତନ କାର୍ଯ୍ୟରେ ସୁଖ୍ୟାତି ସହିତ କାର୍ଯ୍ୟ କରି କର୍ତ୍ତୃପକ୍ଷ ଓ ପ୍ରଜାମାନଙ୍କ ଯଥାଯୋଗ୍ୟ ଆଦରଣୀୟ ହେବେ ।

---

ଓଡିଶାରେ ଏ ବର୍ଷ ଦୁର୍ଭିକ୍ଷ ସାହାଯ୍ୟର ଆବଶ୍ୟକ ହେଲେ ମଧ୍ୟ ରେଲୱେ ନିର୍ମାଣରେ କାର୍ଯ୍ୟର ଅଭାବ ହେବ ନାହିଁ ଏହାହିଁ ସମସ୍ତଙ୍କର ଧାରଣା । ମାତ୍ର ଅମ୍ଭେମାନେ ସମ୍ପ୍ରତି ଅବଗତ ହେଲୁଁ ଯେ ବେଙ୍ଗଲ ନାଗପୁରମାନେ ଏମନ୍ତ ଦ୍ରୁତ ବେଗରେ କାର୍ଯ୍ୟ କରୁଅଛନ୍ତି ଯେ ଆଗାମୀ ମାର୍ଚ୍ଚ ମାସରେ ଓଡିଶାର ରେଲବା-ଟର ମାଟି କାର୍ଯ୍ୟ ଶେଷ ହୋଇଯିବ ଏବଂ ସାହାଯ୍ୟ କାର୍ଯ୍ୟ ଆବଶ୍ୟକ ହେଲେ ତହିଁ ପରାଗ ମାଟିକାମ ଛଡା ଅନ୍ୟ କାମରେ ସାମାନ୍ୟ ମୂଲିଆ ଓ ମୂଲିଆଣୀ ଅଧିକ ପରିମାଣରେ ଖଟି-ବାର ଆଶା ନାହିଁ । ଏଥିପାଇଁ ଅମ୍ଭମାନଙ୍କର କଲେକ୍ଟର ପୁଷ୍କରିଣୀ ଖୋଳା ଇତ୍ୟାଦି କାର୍ଯ୍ୟ ଅଧିକ ପରିମାଣରେ ଯୋଗାଇବାର ବନ୍ଦୋବସ୍ତ କରୁଅଛନ୍ତି । ପ୍ରକୃତରେ ଏହି ସବୁ କାର୍ଯ୍ୟ ସାହାଯ୍ୟ ବାଟର ଶ୍ରେଷ୍ଠ ଉପାୟ । ଭରସା କରୁଁ ଓଡିଶାର ଅନ୍ୟାନ୍ୟ ଜିଲ୍ଲାର କଲେକ୍ଟରମାନେ ଏହିପରି ବନ୍ଦୋବସ୍ତ କରିବେ ।

---

ଏଠା ଜେନେରଲ ଷ୍ଟେସନରିର କାର୍ଯ୍ୟାଳ-ୟର ସରକାରୀ କାଗଜପତ୍ର ଓ ରେଜିଷ୍ଟ୍ରୀ ବହି-ମାନ ହେଉଥିବା ଅଦୃଶ୍ୟ ଓ କେତେକ ନଷ୍ଟ ହୋ-ଇଅଛି ଗତ ସୋମବାର ଅଫିସ ଖୋଲିବା ସମୟରେ ଏପରି ଦୁର୍ଘଟନା ପ୍ରତ୍ୟକ୍ଷ ହେଲା । ଅଫିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମଫସଲ ଯାତ୍ରାରେ ଥିଲେ । ତାହାଙ୍କର ଏକମାତ୍ର ଜଣେ ଦେଶୀୟ ଦାସ ପୁଲିସରେ ସମ୍ବାଦ ଦେଇ ଗୋପାଳ ସାହା-ଯ୍ୟରେ ଅନୁସନ୍ଧାନ କରାଉଅଛନ୍ତି । ଅଫିସ କାଗଜ ପତ୍ର ନଷ୍ଟ କରିବାରେ ଯେପରି କ୍ଷତି ତହିଁ ଅନ୍ୟ କାହାରି ଲାଭବାନ୍ ହେବାର କଥା

Split by PDF Splitter



ନୁହେ । ପୁଲିସ ଅନୁସନ୍ଧାନର ଫଳ ଜଣା ଯାଇ ନାହିଁ । ଏହି ଦୈତ୍ୟାରି ଦାସ ପଶ୍ଚ ବ ୨୦ ବର୍ଷ କାଳ ହିସାବଦାର ଅଫିସର କରଣି ଥିଲେ ଓ ସେ ସରକାରୀ ହିସାବରେ କାଟକୁଟ କରୁଥିଲେ କୋନ କାର୍ଯ୍ୟରୁ ଇସ୍ତଫା ପ୍ରଦାନ କରିବା ନିମନ୍ତେ ବାଧ୍ୟ ହୋଇଥିଲେ ।

ଗତ ନଭେମ୍ବର ଗଜେଟରେ ବଙ୍ଗଳାର ନାନା ବନ୍ଦରର ଶସ୍ୟ ଆମଦାନୀ ରପ୍ତାନିର ଗୋଟିଏ ତାଲିକା ପ୍ରକାଶିତ ହୋଇଅଛି । ତହିଁରୁ ଓଡ଼ିଶାର ବନ୍ଦରମାନଙ୍କର ସନ ୧୮୯୫ ସାଲର ଜାନୁଆରୀଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଦଶ ମାସର ଏବଂ ଚଳିତ ସନ ୧୮୯୬ ସାଲର ସେହି ଦଶ ମାସର ବିବରଣ ନିମ୍ନେ ଲେଖୁଅଛୁଁ ଯଥା ।—

ଆମଦାନୀ

ପୁରୀ ଓ କଟକକୁ ଆମଦାନୀ ନାହିଁ ।

ବାଲେଶ୍ୱରକୁ ସନ ୧୮୯୫ ସାଲରେ ୩୪-୬୫୦ ହନର ଏବଂ ସନ ୧୮୯୬ ସାଲରେ ୧୧୮୨୦ ହନର ଶସ୍ୟ କଲିକତାରୁ ଆସିଥିଲା । ଏହି ଶସ୍ୟ ଚାଉଳ ଗହମ ଏବଂ ଚଣା ଡାଲି ଇତ୍ୟାଦି ଅଟେ ତହିଁମଧ୍ୟରେ ଚାଉଳ ଭାଗ ଅଧିକ ।

ରପ୍ତାନୀ ।

| | ସନ ୧୮୯୫ | ସନ ୧୮୯୬ |
|---|---|---|
| | ହନର | ହନର |
| ବାଲେଶ୍ୱରଠାରୁ | ୧,୮୩,୬୩୮ | ୧୯୮୨୨୩୫ |
| କଟକ ,, | ୫୨୬୮୫୨ | ୨୨୨୯୪୮ |
| ପୁରୀ ,, | ୧୩୦୧୫୨ | ୧୨୧୨୦୨ |

ଏକ ହନର ବାଲେଶ୍ୱରୀ ମ ୧।୨୦ ସ ଅଟେ ଓଡ଼ିଶାରେ ଆମଦାନୀ ରପ୍ତାନୀ ବାଲେଶ୍ୱରର ହିସାବ ସଙ୍ଗେ ମିଶିବାରୁ ବାଲେଶ୍ୱରର ଏହି ସଙ୍ଗେ କଟକର ଅନେକ ସମ୍ପର୍କ ରହୁଅଛି ଅର୍ଥାତ୍ ଯାହା ବାଲେଶ୍ୱର ଭଳେ ଲେଖା ଅଛି ତାହା କେତେ ପରିମାଣରେ କଟକର ଆମଦାନୀ ରପ୍ତାନୀ ଧରିବାକୁ ହେବ । ଚାନ୍ଦବାଲି ସନ୍ଧିତ ବାଲେଶ୍ୱରରୁ ମରିସସ, ସିଂହଳ କଲିକତା ବମ୍ବେଇ ଏବଂ ମାନ୍ଦ୍ରାଜକୁ ଏବଂ କଟକ ଓ ପୁରୀର ଚାଉଳ କେବଳ ମରିସସ ଓ ସିଂହଳକୁ ରପ୍ତାନି ହୋଇ ଥିଲା । କେବଳ ଅଳ୍ପ ପରିମାଣ ଚାଉଳ ଡାଲି ଇତ୍ୟାଦି କଟକରୁ ମାନ୍ଦ୍ରାଜକୁ ଯାଇଥିଲା ; ଓଡ଼ିଶାର ଚାଉଳ ସାଧାରଣତଃ ଅଳ୍ପ ପରିମାଣ କଲିକତା ଓ ମାନ୍ଦ୍ରାଜକୁ ଏବଂ ବିଶେଷରେ ମରିସସ ଓ ସିଂହଳକୁ ଯାଏ ବମ୍ବେଇକୁ କେବଳ ଏହିବର୍ଷ ବାଲେଶ୍ୱରରୁ ଚାଉଳ ଯାଇଅଛି

ବଙ୍ଗଳାରେ ଶସ୍ୟ ଦୁର୍ମୂଲ୍ୟ ହେବାରୁ ଏଣିକି ଚାଉଳ ଡାଲି ଚଣା ପ୍ରଭୃତି ଶସ୍ୟ କଲିକତାକୁ ବିଶେଷ ରପ୍ତାନି ହେଉଅଛି ଯଥା ଗତମାସ ୧ମ ସପ୍ତାହରେ ବାଲେଶ୍ୱରରୁ ଧାନ ୨୬୩ ହନର ଏବଂ ଚାଉଳ ୩୧୩ ହନର ଏବଂ ୨ ସପ୍ତାହରେ ବାଲେଶ୍ୱରରୁ ୪୨୦୫ ହନର ଏବଂ ଚାନ୍ଦବାଲିରୁ ୪୦୪୦୩ ହନର ଚାଉଳ ଏବଂ ଯଥାକ୍ରମେ ୬୪୩ ଓ ୮୦୪୦ ହନର ଧାନ ଏବଂ ୮୩୧୮ ହନର ଡାଲି ବୋଲଥ ଇତ୍ୟାଦି କଲିକତାକୁ ରପ୍ତାନି ହୋଇଥିଲା । ସେହିପରି ସପ୍ତାହ ଅର୍ଥାତ୍ ଗତ ନବେମ୍ବର ମାସ ତା ୧ ରିଖଠାରୁ ତା୧୪ରିଖ ପର୍ଯ୍ୟନ୍ତ ଏବଂ ଗତବର୍ଷର ସେହି ଦୁଇ ସପ୍ତାହର କଲିକତାର ଶସ୍ୟ ବାଣିଜ୍ୟ ନିମ୍ନେ ପ୍ରଦର୍ଶିତ ହେଲା ଯଥା ।—

| | ସନ ୧୮୯୫ | ସନ ୧୮୯୬ |
|---|---|---|
| ଆମଦାନୀ ହନର | ୪୧୪୬୨ | ୧୩୦୧୩୩ |
| ରପ୍ତାନୀ | ୨୯୬୨୦୫ | ୨୦୧୫୨୧ |

ଅର୍ଥାତ୍ ପୂର୍ବ ବର୍ଷଠାରୁ ଆମଦାନୀ ଅଧିକ ଏବଂ ରପ୍ତାନୀ ଊଣା ପଡ଼ିଅଛି ଏବଂ ଅଦ୍ଭୁତ ଦୁର୍ଭିକ୍ଷବର୍ଷ ଯେ ଗତବର୍ଷ ସେହି ସମୟରେ ୨୨୩୦୪୨ ହନରରୁ ସ୍ଥଳେ ଏବର୍ଷ ୧୬୫୫୬୦ ହନର ହିସେବ ରପ୍ତାନି ହୋଇଅଛି । ଦର ଚଢ଼ା ହେଲେ ବଙ୍ଗଦେଶକୁ ଅଧିକ ଶସ୍ୟ ଯାଆନ୍ତା କି ନାହିଁ ଏଥିରୁ ସ୍ପଷ୍ଟ ଜଣା ଯାଉଅଛି ।

ଦୁର୍ଭିକ୍ଷ ସମାଚାର ।

ଲଣ୍ଡନରୁ ସମ୍ବାଦ ଆସିଅଛି ଯେ ବ୍ରିଟିଶ ବଣିକ ସଭା ଭାରତର ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଚେଷ୍ଟା ସତନ୍ତ୍ର କରିବାର ଇଚ୍ଛା ଜଣାଇବାରୁ ଭାରତସଚିବ ସେକ୍ରେଟେରୀ ଧନ୍ୟବାଦ ଦେଇ କହି ଅଛନ୍ତି ଯେ ସର୍ବସାଧାରଣଙ୍କ ସାହାଯ୍ୟ ପ୍ରାର୍ଥନା କରିବା ପୂର୍ବେ ସେ ଭାରତରୁ ବାର୍ତ୍ତା ପାଇବାକୁ ଚାହିଁ ବସିଅଛନ୍ତି ।

ବ୍ରହ୍ମାରେ ଯେମନ୍ତ ଅଗାଧ ପରିମାଣରେ ଧାନ ଉତ୍ପନ୍ନ ହୋଇଅଛି ତେମନ୍ତ ଶୀଘ୍ର ଅମଳ ହୋଇଅଛି ଯେ ପ୍ରୟୋଜନ ହେବାମାତ୍ରେ ଭାରତକୁ ରପ୍ତାନି ହୋଇ ପାରିବ । ସେ ସ୍ଥାନରେ ମଣ ଧାନ ଅତି ଦୁର୍ମୂଲ୍ୟ ହୋଇଅଛି ଏବଂ ଏକମାସ ମଧ୍ୟରେ ଏଠାକୁ ଆସି ପାରେ । ରଙ୍ଗୁନର କମିଶନର ଲେଖି ଅଛନ୍ତି ଯେ ଦିଗ୍ରଜଞ୍ଜରେ ଟଙ୍କାକୁ ସେ ୭ ର ଏବଂ ବୋଗସ୍ତରେ ସେ ୮ ଚାଉଳ ବିକ୍ରୀ ହୋଇଅଛି । ସେ ବନ୍ଦରରୁ କେଉଁ ଦରରେ

ଫସଲ ଉତ୍ପନ୍ନ ଏବଂ କେଉଁ ସ୍ଥଳରେ ଚାରିପଣରୁ ଅଧିକ ନୁହଇ । ଏଥିପାଇଁ ଲୋକେ ଅନୁମାନ କରନ୍ତି କି ଜୁଲାଇମାସ ଭିତରୁ ଖାଦ୍ୟ ପ୍ରାୟ ଶେଷ ହୋଇଯିବ । ତାହା ହେଲେ ବିଶେଷ ଅବଶ୍ୟକ ହେବ ଏବଂ ସେ ସମୟରେ ସାହାଯ୍ୟ ଦାନର ବନ୍ଦୋବସ୍ତ କରିବା ଅବଶ୍ୟକ ହେବ ।

ଛୋଟନାଗପୁର ଡିଭିଜନର କମିଶନର ଲେଖି ଅଛନ୍ତି ଯେ ତାହାଙ୍କ ଏଲାକା ମଧ୍ୟରେ କେବଳ ହଜାରିବାଗ ଜିଲ୍ଲା ସ୍ୱଚ୍ଛନ୍ଦ ଅବସ୍ଥାରେ ଅଛି । ଅନ୍ୟ ଜିଲ୍ଲା ମଧ୍ୟରେ ଲୋହାରଡଗା ଏବଂ ସିଂହଭୂମର ଅବସ୍ଥା ଭଲ ଜଣାଯାଏ ଏବଂ ସେ ସବୁ ସ୍ଥାନରେ ପ୍ରାୟ ସାହାଯ୍ୟଦାନର ଆବଶ୍ୟକ ହେବ ନାହିଁ । ମାନଭୂମ ଏବଂ ପାଲାମୋ ଜିଲ୍ଲାମାନଙ୍କର ଅବସ୍ଥା ତେତେ ଭଲ ନୁହେ ଏବଂ ଶୀଘ୍ର ସାହାଯ୍ୟର ପ୍ରୟୋଜନ ହୋଇ ପାରେ । ଅଧିକନ୍ତୁ ପାଲେମୋ ଜିଲ୍ଲାର ଲୋକମାନଙ୍କୁ ସରକାରୀ ଜଙ୍ଗଲରୁ ମହୁଲ ତୋଳି ଆଣିବାକୁ ଛାଡ଼ି ଦେଲେ ଅନେକ ଉପକାର ହେବ କାରଣ ମହୁଲ ସେଠା ଲୋକଙ୍କର ଗୋଟିଏ ପ୍ରଧାନ ଖାଦ୍ୟ ଅଟେ ବର୍ତ୍ତମାନ ଗଭର୍ଣ୍ଣମେଣ୍ଟ ଏ ପ୍ରସ୍ତାବରେ ସମ୍ମତ ହେବାର ଜଣାଯାଏ ।

ଓଡ଼ିଶାର ଉନ୍ନତି ।

ଓଡ଼ିଶାର ଗତ ବାର୍ଷିକ ରିପୋର୍ଟର ଶେଷ ଭାଗରେ ସାଧାରଣ ମନ୍ତବ୍ୟ ସ୍ୱରୂପ କମିଶନର ସାହେବ ଲେଖିଅଛନ୍ତି କି ଓଡ଼ିଶାରେ ରେଲବାଟ ପଡ଼ିବା ଗତ ବର୍ଷର ସର୍ବାପେକ୍ଷା ପ୍ରଧାନ ଘଟଣା ଅଟେ । ଦକ୍ଷିଣରେ ମାନ୍ଦ୍ରାଜ ପ୍ରଦେଶର ରେଲବାଟ ଗୋପାଳପୁର ପର୍ଯ୍ୟନ୍ତ ଆସିଅଛି ଏବଂ ଉତ୍ତରରେ କଲିକତା ପର୍ଯ୍ୟନ୍ତ ବାଟ ପ୍ରସ୍ତୁତ ହେଉଅଛି । ଏହି କାର୍ଯ୍ୟ ଶେଷ ହେଲେ ଓଡ଼ିଶାରୁ ଅନେକ ଲୋକର ଯିବା ଆସିବା ହେବ, ଆମଦାନୀ ରପ୍ତାନୀ ବୃଦ୍ଧି ହେବ ଏବଂ ସମ୍ଭବତଃ ମଜୁରିର ମୂଲ ଓ ଖାଦ୍ୟ ସାମଗ୍ରୀର ଦରର ବ୍ୟତିକ୍ରମ ଘଟିବ । ଅଧିକାଂଶ ଯାତ୍ରୀ ରେଲରେ ଯାତାୟାତ କରିବେ ଏବଂ ତଦ୍ଦ୍ୱାରା ଜଗନ୍ନାଥ ସଡ଼କର ଉତ୍କଣ୍ଠା ଲୋପ ଜଣା ପଡ଼ିବ । ଏସବୁ କାରଣରୁ ସଂପ୍ରତି କଟକ ଆସିବାର ସୁବିଧାହେତୁ ଭୌଗୋଳିକରେ ଓଡ଼ିଶାର ଉନ୍ନତି ସାଧିତ ହେବ । ସ୍ୱଚ୍ଛ ବନ୍ଦୋବସ୍ତ କାର୍ଯ୍ୟ ଅନ୍ୟ ଗୋଟିଏ ପ୍ରଧାନ ବିଷୟ ଅଟେ ଏବଂ ତାହା ଲୋକଙ୍କର ମନୋଯୋଗ ଅଧିକ ପରିମାଣରେ ଆକର୍ଷଣ କରିବାର ଜଣା

Digitized by srujanika@gmail.com

ଯାଏ । ଜମିଦାରମାନେ ସ୍ୱଭାବତଃ ଏ କାର୍ଯ୍ୟପ୍ରତି ବିଶେଷ ଦୃଷ୍ଟି ରଖିଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଶୀଘ୍ର ଟେକେଟେଲେଶାର୍ଥ ମାଲଜାମିନ ନେବେ ଏହା ଜାଣିବାକୁ ବିଶେଷ ଉତ୍ସୁକ ଅଛନ୍ତି । ଗତ ଦୁଇବର୍ଷ ଭଲ ଫସଲ ହେବାରୁ କୃଷିମାନଙ୍କର ଏବଂ ରେଲବାଟ ନିର୍ମ୍ମାଣ ହେତୁ ମୂଲିଅ ଶ୍ରେଣୀର ଅବସ୍ଥା ଅନ୍ୟାନ୍ୟ ସମୟଠାରୁ ଭଲ ଅଛି । ଓଡ଼ିଆମାନେ ସ୍ୱଭାବତଃ ଧୀର ଏବଂ ଆଇନ ବାଧ୍ୟ ଏବଂ ଦଣ୍ଡନୀୟ ଅପରାଧର ବିଦ୍ୱେଷୀ ତେଣୁ ବର୍ତ୍ତମାନ ବର୍ଷରେ ଫସଲ ଭଲ ହେବାରୁ ସମସ୍ତ ଓଡ଼ିଶା ବିଭାଗରେ ଅପରାଧର ସଂଖ୍ୟା ବିଲକ୍ଷଣ ଊଣା ପଡ଼ିଅଛି । ଯେବେ ଗବର୍ଣ୍ଣରଙ୍କ ହସ୍ତକ୍ଷେପରେ ଥିବା ଚୌକିଦାରୀ ଏବଂ ପଟୁଆରୀ କାର୍ଯ୍ୟର ନୂତନ ବନ୍ଦୋବସ୍ତ ଏବଂ ଗ୍ରାମ୍ୟସମିତି ଗଠନ ସାବଧାନତା ସହିତ କାର୍ଯ୍ୟରେ ପରିଣତ ହେବ ତେବେ ଲୋକଙ୍କର ଅନେକ ହିତ ହେବ ।

ଉପରଲିଖିତ ମନ୍ତବ୍ୟରୁ ପାଠକମାନେ ଦେଖିବେ ଯେ କମିଶନର ବଗ୍ ସାହେବ ରେଲ ବାଟର ଶୃଙ୍ଖଳାର ଆଲୋକରେ ଏକାନ୍ତ ମୁଗ୍ଧ ହୋଇ ଦୁଷ୍ଟଦିଗକୁ ଆଲୋଚନା କରି ନାହାନ୍ତି । ମାତ୍ର ଆମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ଖାଦ୍ୟ ଦ୍ରବ୍ୟ ମହାର୍ଘ ହେଲେ ଅପରାଧ ସଂଖ୍ୟା ବୃଦ୍ଧି ହେବ ଏବଂ ଓଡ଼ିଆଙ୍କର ନିରପରାଧ, ସ୍ୱଭାବ ସ୍ଥାୟୀ ରହିବ ନାହିଁ । ଅଦ୍ୟ ଚୌକିଦାରୀ ଏବଂ ପଟୁଆରୀ ବନ୍ଦୋବସ୍ତ କିପରି ହେଲେ ଲୋକଙ୍କର ହିତ ହେବ ତାହା ସେ ପ୍ରକାଶ କରି ନ ଥିବାରୁ ତହିଁର ମଙ୍ଗଳ ଫଳ ସମ୍ବନ୍ଧରେ ଆମ୍ଭେମାନେ ତାହାଙ୍କର ଅନୁଗାମୀ ହୋଇପାରୁ ନାହୁଁ । ପଟୁଆରୀ ପ୍ରଥା କଟକ ପରୀକ୍ଷା ଉପରୁ ବିଫଳ ବୋଲି ପରିଗଣିତ ହୋବା ସ୍ଥଳେ ତାହା ପୁନର୍ଜୀବିତ ହେବା ବାଞ୍ଛନୀୟ ନୁହେ । ତଦ୍ୱାରା ହିତାପେକ୍ଷା ଅଧିକ ଅହିତ ହେବାର ଶଙ୍କା ହେଉଅଛି ।

---

### ମଫସଲର ଅବସ୍ଥା ।

ଗତ ସପ୍ତାହରେ ସମସ୍ତ ବଙ୍ଗ ଦେଶ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେଣାଣ୍ଟ ଗବର୍ଣ୍ଣରଙ୍କ ମନ୍ତବ୍ୟ ପ୍ରକାଶ କରିଥିଲୁ । ତହିଁରେ ଓଡ଼ିଶାର କଥା ସଂକ୍ଷେପରେ ଲେଖା ଅଛି । ସମ୍ପ୍ରତି ଓଡ଼ିଶା କମିଶନର ସାହେବଙ୍କ ରିପୋର୍ଟର ମର୍ମ କିଛି ବିସ୍ତାରିତରୂପେ ପ୍ରକାଶ କରୁଅଛୁଁ । ସେହି ରିପୋର୍ଟ ଗତମାସ ତା ୫ ଉପରେ ଲିଖିତ ହୋଇଥିଲା । ପ୍ରତ୍ୟେକ ତାହାଙ୍କୁ ଏକମାତ୍ର ପୂର୍ବର ଅବସ୍ଥା ବୁଝିବାକୁ ହେବ ।

